### ସାତକୋଶିଆରେ ପକ୍ଷୀ ପର୍ଯ୍ୟବେକ୍ଷଣ ଆରମ୍ଭ

# ଭାଗନେଲେ ଦେଶର ୩୨ ପକ୍ଷୀ ବିଶେଷଜ୍ଞ








ଅନୁଗୋଳ, ୨।୩(ସମିସ):

ସାତକୋଶିଆ ଅଭୟାରଣ୍ୟରେ ଶନିବାର ଠାରୁ ଆରମ୍ଭ ହୋଇଛି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ। ଏହି ପକ୍ଷୀ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଚାରିଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମ ନିମନ୍ତେ ଶନିବାର ଅପରାହ୍ନରେ ସାତକୋଶିଆ ସ୍ଥିତ ତରଭା ନେଚର କ୍ୟାମ୍ପଠାରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ୩୨ଜଣ ପକ୍ଷୀ ବିଶେଷଜ୍ଞଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ ଜଙ୍ଗଲ ବିଭାଗ ପକ୍ଷରୁ ସେମାନଙ୍କୁ ପକ୍ଷୀ ପର୍ଯ୍ୟବେକ୍ଷଣ କେଉଁ କେଉଁ ସ୍ଥାନରେ ହେବ, ସେ ସମ୍ପର୍କରେ ବିଶେଷ ଭାବେ ବ୍ୟାଖ୍ୟା କରାଯିବା ସହ ସୂଚନା ପ୍ରଦାନ କରାଯାଇଥିଲା। ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ ପାଇଁ ଭାରତରୁ ୨ ଶହରୁ ଅଧିକ ପକ୍ଷୀ ବିଶେଷଜ୍ଞ ସାମିଲ ହେବା ପାଇଁ ଆବେଦନ କରିଥିଲେ। କିନ୍ତୁ ରାଜ୍ୟ ବନ ବିଭାଗ ପକ୍ଷରୁ ସେମାନଙ୍କ ମଧ୍ୟରୁ ୩୨ଜଣ ବିଶେଷଜ୍ଞଙ୍କୁ ବଛାଯାଇଥିଲା। ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ ପାଇଁ ସାତକୋଶିଆ ଅଭୟାରଣ୍ୟର ଟିକରପଡା, ମଝିପଡା, ରାଇଗୁଡ଼ା, ତରଭା, ଗଇନ୍ଦୀ ପ୍ରଭୃତି ୧୬ଟି ଜାଗାରେ ବିଶେଷଜ୍ଞ ମାନେ ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କରିବେ। ଏହି ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର, ଆସାମ, ଗୋଆ, ଗୁଜୁରାଟ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ରାଜ୍ୟରୁ ବିଶେଷଜ୍ଞ ମାନେ ଭାଗ ନେଇଛନ୍ତି। ଓଡ଼ିଶାରେ କେବଳ ସାତକୋଶିଆ ଅଭୟାରଣ୍ୟ ରେ ଏହି ସ୍ଥଳ ପକ୍ଷୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସାତକୋଶିଆ ବନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ଶନିବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା, ବନ୍ୟପ୍ରାଣୀ ବିଭାଗ ଡ଼ିଏଫ ଓ ସରୋଜ କୁମାର ପଣ୍ଡା, ଫରେଷ୍ଟ ଟ୍ରେନିଂ ମହାବିଦ୍ୟାଳୟ ର ନିର୍ଦ୍ଦେଶକ ସଂଗ୍ରାମ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଗତ ବର୍ଷ ୨୪୮ ପ୍ରଜାତିର ପକ୍ଷୀ ସାତକୋଶିଆ ଅଭୟାରଣ୍ୟ ରେ ବାସ କରୁଥିବା ଗଣନା ହୋଇଛି।

## ଗଛରେ ବାଇକ୍ ପିଟିହୋଇ ଜଣେ ମୃତ

ଅନୁଗୋଳ, ୨।୩(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ଅର୍ନ୍ତଗତ ଗଡଡ଼ମଣ୍ଡଳଠାରେ ଭରସାମ୍ୟ ହରାଇ ଗଛରେ ବାଡେଇ ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ପାତ୍ରପଡ଼ା ଗ୍ରାମର ଗିରିଶ ବାରିକ ଓ ଆହତ ଜଣକ ହେଲେ ସେହି ଗ୍ରାମର ଲିଟନ ସାହୁ। ସୁଚନା ଅନୁସାରେ ପାତ୍ରପଡ଼ା ଗ୍ରାମର ଗିରିଶ ଏବଂ ତାଙ୍କ ସାଙ୍ଗ ଲିଟନ ଏକ ଡିସକଭର ମୋଟର ସାଇକଲରେ ନିଜ ଗ୍ରାମ ପାତ୍ରପଡ଼ାରୁ ଗଡ଼ମଣ୍ଡଳ ଛକ ଆଡ଼କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ର ପୋତାଯାଇଥିବା ସୁରକ୍ଷା ଖୁଣ୍ଟରେ ବାଡେଇ ହୋଇ ଏକ ଗଛରେ ବାଡେଇ ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଗିରିଶଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଲିଟନକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ବାଗଡିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲ ଓ ଶବକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବାପାଙ୍କୁ ପିଟିପିଟି ହତ୍ୟାକଲା ପୁଅ

ଅନୁଗୋଳ, ୨।୩(ସମିସ): ଠେଙ୍ଗାରେ ବାପାଙ୍କୁ ପିଟି ପିଟି ହତ୍ୟା କରିଛି ପୁଅ। ହତ୍ୟାକରିବା ପରେ ଚଦରରେ ଘୋଡ଼େଇ ଫେରାର ମାରିଛି ହତ୍ୟାକାରୀ। ହତ୍ୟାର ପ୍ରାୟ ୧୨ ଘଣ୍ଟା ପରେ ଖବର ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ନୂଆଭୂଇଁ ଗାଁରେ। ସୂଚନା ଅନୁସାରେ ନୂଆଁଭୁଇଁ ଗାଁର ବଳରାମ ଭୋଇ ଓ ତାଙ୍କ ବାପା ବିପ୍ରବର ଭୋଇ ରହୁଥିଲେ। ଏକାଠି ରହୁଥିଲେ ମଧ୍ୟ ଅନେକ ସମୟରେ ବଳରାମ ବାପା ବିପ୍ରବରଙ୍କୁ ଗାଳିଗୁଲଜ ଓ ମାଡପିଟ୍ କରିଥାନ୍ତି। ଗତକାଲି ସନ୍ଧ୍ୟାରେ ମଧ ବଳରାମ ତାଙ୍କ ବାପାଙ୍କ ସହିତ ଝଗଡ଼ା କରିବା ସହ ମାଡ଼ପିଟ୍ କରିଥିଲେ। ତେବେ ସକାଳୁ ବଳରାମଙ୍କ ଦେଖା ନଥିବା ବେଳେ ସନ୍ଧ୍ୟାରେ ବାପାଙ୍କ ମୃତଦେହ ଘର ଭିତରେ ପଡିଥିବା ଗାଁ ଲୋକ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନେ ପୁଲିସକୁ ଏ ସମ୍ପର୍କରେ ସୂଚନା ଦେବା ସହ ବଳରାମ ତାଙ୍କ ବାପା ବିପ୍ରବରଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ହତ୍ୟାକାରୀ ପୁଅ ବଳରାମ ଫେରାର ହୋଇଯାଇଥିବା ପୁଲିସ କହିଛି। ଏନେଇ ପୁଲିସର ତନାଘନା ଜାରି ରହିଛି।

## ଯୁକ୍ତଦୁଇ ଛାତ୍ରୀଙ୍କୁ ନିର୍ମମ ହତ୍ୟା ଘଟଣାରେ ୨ ଅଟକ

ଢେଙ୍କାନାଳ, ୨।୩ (ସମିସ): ସଦର ଥାନା ଅନ୍ତର୍ଗତ ମଜୁରୀ ଛକ ନିକଟସ୍ଥିତ ଜଙ୍ଗଲରେ ଜନୈକା ଛାତ୍ରୀଙ୍କୁ ଅମାନୁଷିକ ଭାବରେ ପଥରରେ ଛେଚି ନିର୍ମମ ହତ୍ୟାଘଟଣାରେ ପୁଲିସ୍ ତଦନ୍ତ କରି ୨ଜଣ ଅଭିଯୁକ୍ତକୁ ଅଟକ ରଖି ଛାନଭିନ୍ ଚଳାଇଛି। ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ମଜୁରୀ ଗ୍ରାମର ଜଳଧର ସାହୁଙ୍କ ଝିଅ ଜସ୍ମିନ ସାହୁ(୧୬) ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ବିଜ୍ଞାନ ବିଭାଗରେ ପାଠ ପଢୁଥିଲା। ଗୁରୁବାର ଘରକୁ ନ ଫେରିବାରୁ ଜସ୍ମିନଙ୍କ ବାପା ଖୋଜାଖୋଜି କରିବା ପରେ ମଧ୍ୟ ଛାତ୍ରୀଙ୍କର କୌଣସି ସନ୍ଧାନ ମିଳିନଥିଲା। ଏହି ଘଟଣା ପରେ ଶୁକ୍ରବାର ମଙ୍ଗଳପୁର ଗ୍ରାମ ନିକଟସ୍ଥ ମଜୁରୀ ଗ୍ରାମଠାରୁ ୫ଶହ ମିଟର ଦୂରତାରେ ଥିବା କଇଁଆଗଡ଼ାଣି ଖୋଲ ତଇଲାରେ ଜସ୍ମିନର ମୃତଦେହ ଏକ ବୁଦା ଭିତରେ ମୁହଁମାଡି ପଡ଼ିଥିବାର କିଛି ଗ୍ରାମବାସୀ ଦେଖିବା ପରେ ପୁଲିସ ଏବଂ ପରିବାର ବର୍ଗକୁ ଖବର ଦେଇଥିଲେ। ଘଟଣାକୁ ନେଇ ମୃତ ଝିଅର ବାପା ଜଳଧର ଝିଅକୁ ହତ୍ୟା କରାଯାଇ ଥିବାର ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍ଡିପିଓ, ସଦର ଥାନା ଅଧିକାରୀ ଘଟଣାର ତଦନ୍ତକରି ବିଜୟ ବେହେରା ନାମକ ଜନୈକ ରାଜମିସ୍ତ୍ରୀ, ମୃତା ଜସ୍ମିନ୍ର ବଡ଼ବାପା ପୁଅ ନିରଞ୍ଜନ ସାହୁକୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

## ଢେଙ୍କାନାଳ ଲୋକସଭା ଲାଭାର୍ଥୀ ସମ୍ପର୍କ ଅଭିଯାନ କର୍ମଶାଳା

ଢେଙ୍କାନାଳ, ୨।୩ (ସମିସ) : ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ଲୋକସଭା କ୍ଷେତ୍ରର ଲାଭାର୍ଥୀ ସମ୍ପର୍କ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ରାଜ୍ୟ ଉପ ସଭାପତି ତଥା ଲୋକସଭା ପ୍ରଭାରୀ ଗୋଲଖ ମହାପାତ୍ର ଉକ୍ତ କର୍ମଶାଳାରେ ଯୋଗଦେଇଥିଲେ। କର୍ମଶାଳାରେ ରାଜ୍ୟ ଉପସଭାନେତ୍ରୀ ସୁକେସୀ ଓରାମ, ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି, ସଂଯୋଜକ ପ୍ରେମାନନ୍ଦ ଜେନା, ବିସ୍ତାରକ ପ୍ରଦୀପ ବିଶ୍ୱାଳ, କାର୍ଯ୍ୟକ୍ରମର ସଂଯୋଜକ ଯଯାତି ପଟ୍ଟନାୟକ, ସହ ସଂଯୋଜକ ପବିତ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଜନା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସମସ୍ତ ୭ଟି ବିଧାନସଭା କ୍ଷେତ୍ରର ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ସହ ସଂଯୋଜକ ଯୋଗ ଦେଇଥିଲେ।

## ମାରଣାସ୍ତ୍ର ଦେଖାଇ ୮୦ ହଜାର ଟଙ୍କା ଲୁଟ୍

କାମାକ୍ଷାନଗର, ୨।୩(ସମିସ): ତୁମୁସିଂହା ଥାନା କାମାକ୍ଷାନଗର- ଢେଙ୍କାନାଳ ମୁଖ୍ୟ ରାସ୍ତାର ଅଁଳାବେରଣୀସ୍ଥ ରାଧିକା ହୋଟଲଠାରୁ ୧୦୦ ମିଟର ଦୂରରେ ଆଜି ଅପରାହ୍ନ ସାଢେ ୧୨ଟା ବେଳେ ଲୁଟେରାମାନେ ୮୦ ହଜାର ଟଙ୍କା ଲୁଟି ନେଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି ଯେ, ଢେଙ୍କାନାଳ ଟାଉନର ପାଣି ଟ୍ରେଡର୍ସର ବିଭିନ୍ନ ଔଷଧ ଦୋକାନରେ ଦିଆଯାଇଥିବା ଔଷଧ ବାବଦ ଟଙ୍କା ଟ୍ରେଡର୍ସର ମନୋଜ ବେହେରା କଲେକ୍ସନ କରି ଫେରୁଥିବା ବେଳେ ରାଧିକା ହୋଟେଲ ନିକଟରେ ୨ ଜଣ ଯୁବକ ୟୁନିକର୍ଣ୍ଣ ରେ ଆସି ମନୋଜଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଛଡ଼ାଇ ନେଇଯାଇଥିଲେ। ଖବର ପାଇ ତୁମୁସିଂହା ଥାନା ଅଧିକାରୀଣୀ ମମତା ସାମନ୍ତରାୟ ସଦଳବଳେ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି। ଅଦ୍ୟାବଧି ପୁଲିସକୁ ଲୁଟେରାଙ୍କ ସଂପର୍କରେ କୌଣସି ସୁରାକ ମିଳିପାରି ନଥିବା ଜଣାପଡିଛି।

### ● ଢେଙ୍କାନାଳ ଲୋକସଭା ନିର୍ବାଚନ ପରିଚାଳନା କମିଟି ବୈଠକ

## କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ଲତା ଉସେଣ୍ଡି

ଢେଙ୍କାନାଳ, ୨।୩ (ସମିସ) : ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ବିଜେପିର ନିର୍ବାଚନ ପରିଚାଳନା କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଜେପି ଜାତୀୟ ଉପସଭାନେତ୍ରୀ, ରାଜ୍ୟ ସହପ୍ରଭାରୀ ଛତିଶଗଡ଼ର ପ୍ରାକ୍ତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟିକା ଲତା ଉସେଣ୍ଡି ଯୋଗଦେଇ ଆସନ୍ତା ନିର୍ବାଚନରେ ବିଜେପିକୁ ଢେଙ୍କାନାଳ ଲୋକସଭା ସମେତ ସମସ୍ତ ୭ଟି ବିଧାନସଭାରେ ଜନସାଧାରଣ ଆଶୀର୍ବାଦ ମିଳିବ ବୋଲି କହିଛନ୍ତି। ଏହି ବୈଠକରେ ନିର୍ବାଚନ ପରିଚାଳନା ରଣନୀତି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟ ଉପ ସଭାପତି ତଥା ଲୋକସଭା ପ୍ରଭାରୀ ଗୋଲଖ ମହାପାତ୍ର, ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ ଉପ ସଭାନେତ୍ରୀ ସୁକେସୀ ଓରାମ, ବରିଷ୍ଠ ନେତା ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି, ଲୋକସଭା ସଂଯୋଜକ ପ୍ରେମାନନ୍ଦ ଜେନା, ବିସ୍ତାରକ ପ୍ରଦୀପ ବିଶ୍ୱାଳ ପ୍ରମୁଖ ସାଙ୍ଗଠନିକ ଆଲୋଚନା କରିଥିଲେ। ସମସ୍ତ ବିଧାନସଭାର ବିଜେପି ନେତା କାଳନ୍ଦି ସାମଲ, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଶତ୍ରୁଘନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ନିରଜ ନଳିନୀ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନଗରପାଳ ଜୟନ୍ତୀ ପାତ୍ର, ପରଜଙ୍ଗ ଚେୟାରମ୍ୟାନ ସର୍ମିଷ୍ଠା ଦଳବେହେରାଙ୍କ ସମେତ ମିଡିଆ ସେଲର ନବକିଶୋର ଗୁରୁ, ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ସଂଯୋଜକ, ପ୍ରଭାରୀ, ବିଭିନ୍ନ ଦାୟିତ୍ୱରେ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ● ରେଙ୍ଗାଲି ବୁଡ଼ି ବିସ୍ଥାପିତଙ୍କ ଦାବି ପୂରଣ ନୋହିଲା

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଆତ୍ମାହୁତି ଲାଗି ଚେତାବନୀ



ପାଲଲହଡା, ୨।୩(ସମିସ): ପାଲଲହଡ଼ା ବ୍ଲକ ଦ୍ୱିତୀୟ ଚିଲିକାର ରାଶିରେ ଗତ ଡିସେମ୍ବର ୧ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୨ ଦିନ ଧରି ୬ ଦଫା ଦାବି ନେଇ ଜଳ ସତ୍ୟାଗ୍ରହ ଆନ୍ଦୋଳନ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଦାବିପୂରଣର ପ୍ରତିଶୃତି ଦେଇ ସତ୍ୟାଗ୍ରହକୁ ସ୍ଥଗିତ କରାଯାଇଥିଲା। ବିଗତ ଦିନରେ ଏହି ଜଳ ସତ୍ୟାଗ୍ରହ ଆନ୍ଦୋଳନକୁ ପାଲଲହଡ଼ା ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଏହାକୁ ସମର୍ଥନ କରିଥିଲେ। ଏହି ଜଳ ସତ୍ୟାଗ୍ରହ ଆନ୍ଦୋଳନକୁ ଆଜକୁ ତିନି ମାସ ବିତି ଯାଇଥିଲେ ମଧ୍ୟ ସରକାର ପ୍ରତିଶ୍ରୁତି ପୂରଣ ପାଇଁ କୌଣସି କର୍ଣ୍ଣପାତ କରୁ ନଥିବାରୁ ଶନିବାର ପ୍ରଜାସଙ୍ଘ ଆବାହକ ଡ଼ ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ ପ୍ରଜାସଙ୍ଘର ସଦସ୍ୟମାନେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଦେଇ ଆସନ୍ତା ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ୧୩ ତାରିଖ ଦିନ ଆତ୍ମହୁତି ଦେବା ପାଇଁ ଚେତାବନୀ ଦେଇଛନ୍ତି। ଗତ ଜଳ ସତ୍ୟାଗ୍ରହରେ ଜଳ ସମାଧି ଚେତାବନୀ ପରେ ଅଧିକୃତ ଅଧିକାରୀଗଣ ଜଳ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସାନ୍ତ୍ୱନା ଦେଇ ୬ ଦଫା ଦାବି ଯଥାସାଧ୍ୟ ସମାଧାନ ପାଇଁ ପ୍ରତିଶୃତି ଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା ରଖି ଜଳ ସମାଧିରୁ ନିବୃତ୍ତ ହୋଇଥିଲେ। ଆଜକୁ ତିନି ମାସ ଅତିକ୍ରମ ହୋଇଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରି ନଥିବାରୁ ଅଗାମି ୧୩ ତାରିଖ ଦିନ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ସମୂହ ଆତ୍ମାହୁତି ଦେବା ପାଇଁ ବିସ୍ଥାପିତ ବୁଡ଼ି ପ୍ରଜାସଙ୍ଘର ଆବାହକ ଡ଼ଃ ସନ୍ତୋଷ କୁମାର ଦେହୁରୀ ପ୍ରକାଶ କରିଛନ୍ତି।

## ବ୍ୟବସାୟୀ ବସନ୍ତ ସାହୁଙ୍କ ପରଲୋକ



ତାଳଚେର ସଦର, ୨।୩ (ସମିସ): ତାଳଚେରର ଜଣାଶୁଣା ବ୍ୟବସାୟୀ ବସନ୍ତ ସାହୁ(୮୧)ଙ୍କ ଆଜି ପରଲୋକ ଘଟିଛି। ତାଳଚେର ସହର ୫ନମ୍ବର ୱାର୍ଡରେ ନୂଆ ବଜାର ସ୍ଥିତ ତାଙ୍କ ନିଜ ବାସଭବନରେ ଶ୍ରୀ ସାହୁ ଦୀର୍ଘ ଦିନ ଧରି ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଥିଲେ। ବସନ୍ତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ମହେଶ ସାହୁ ଶୋକ ବ୍ୟକ୍ତ କରିଛନ୍ତି। ପରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୁତିଆ, ବିଜେପି ନେତା ମନୋଜ ପ୍ରଧାନ, ବିଭୁତି ପ୍ରଧାନ, ବରିଷ୍ଠ ବିଜେଡି ନେତା ବାନମ୍ବର ଭୁତିଆ, ସମବାୟ ବ୍ୟାଙ୍କ ସଭାପତି ଦୀପକ ଅମ୍ବ, କାଉନସିଲର ସଂଜୀବ ବେହେରା, ଯଶୋବନ୍ତ ମିଶ୍ର, ଜିତେନ୍ଦ୍ର ଦାସ ପୁପୁନା ଦାସ, ରାଜୀବ ରାଉତ, ଧୀରେନ ଶତପଥୀ, ରାଇଫୁଲ କ୍ଲବ ପକ୍ଷରୁ ବାବୁଲା ସାହୁ, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲ, ତପନ ମହାରଣା, ରୋହିତ ବେହେରାଙ୍କ ସମେତ ବହୁ ଅନୁଷ୍ଠାନ, ରାଜନୈତିକ ଦଳର କର୍ମକର୍ତ୍ତା, ବ୍ୟବସାୟୀ ସଙ୍ଘ ପକ୍ଷରୁ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ସାହୁ ତାଳଚେର ର ସର୍ବ ପୁରାତନ ରାଇଫୁଲ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଳଚେରର ବିଶିଷ୍ଟ ବ୍ୟବସାୟୀ ହରି ମିସ୍ତ୍ରୀଙ୍କ ଶ୍ରୀ ସାହୁ ଦ୍ୱିତୀୟ ପୁତ୍ର ଥିଲେ। ତାଙ୍କୁ ଏକ ପଟୁଆରରେ ନେଇ ଶାନ୍ତି ଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ, ନାତିନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଶ୍ରଦ୍ଧା ସେବା ସହଯୋଗର ବନ୍ଧୁମିଳନ ନାମରେ ରାଜନୈତିକ ଶକ୍ତି ପ୍ରଦର୍ଶନ



ପାଲଲହଡା, ୨।୩(ସମିସ):

ଅନୁଗୋଳ ପାଲଲହଡ଼ାର ଏକ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ସେବା ସହଯୋଗ ପକ୍ଷରୁ ପାଲଲହଡ଼ା ଝିମିରିପାଲି ଖେଳ ପଡିଆ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ତଥା ରାଜ୍ୟ ଖାଦ୍ୟ କମିଶନର ଅଧକ୍ଷ ଅବନୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଆଗକୁ ଏହି ସଂଗଠନ ମାଧ୍ୟମରେ ନିର୍ବାଚନ ମଣ୍ଡଳୀର ଅଧିକରୁ ଅଧିକ ଯୁବକ ଯୁବତୀଙ୍କୁ ଯୋଡ଼ାଯିବ ଏବଂ ଏହିମାନେ କିପରି ଅଞ୍ଚଳ ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୯ ନଂ ଜୋନର ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁ, ସଂଗଠନର ସଭାପତି ସଂଜୀବ କୁମାର ବେହେରା ଉପସ୍ଥିତ ଥିଲେ। ପୂର୍ବରୁ ଗତ ଫେବୃଆରି ୨୫ ତାରିଖରେ ଖମାର ଠାରେ ୨୪ ନମ୍ବର ଜିଲ୍ଲା ପରିଷଦ ଯୋନରେ ମଧ୍ୟ ସମାନ ଧରଣର ବନ୍ଧୁମିଳନ ଶ୍ରୀଯୁକ୍ତ ସାହୁ କରିଥିଲେ। ଆଗକୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅନ୍ୟ ଜୋନରେ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ମାତ୍ର ବନ୍ଧୁମିଳନ ନାମରେ ନିର୍ବାଚନ ଲଢ଼ିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରୁଥିବା ନେଇ ପାଲଲହଡ଼ା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ଗାଁ ଗାଁ ବୁଲି ଶ୍ରୀଯୁକ୍ତ ସାହୁ ଏବଂ ତାଙ୍କର ଧର୍ମପତ୍ନୀ ରିନାରାଣୀ ସାହୁ ଲୋକଙ୍କୁ କମଳ ବାଣ୍ଟି ଲୋକଙ୍କ ସହିତ ମିଶିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖେଳକୁଦରେ ନିଜକୁ ସାମିଲ କରିଥିବାରୁ ଏବେ ବିଧାୟକ ହେବା ଆଶାରେ ଏଭଳି ଶକ୍ତି ପ୍ରଦର୍ଶନ କରୁଥିବା ଅଞ୍ଚଳରେ ଚର୍ଚ୍ଚା ଧରିଛି।

ସକାଳ THE SAKALA



# ପଥପ୍ରାନ୍ତ ପାଲା ମାଧ୍ୟମରେ ଜନସଚେତନତା



**ତାଳଚେର, ୨।୩(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସରକାରଙ୍କ ଶିଶୁ ସମନ୍ୱିତ ସୁରକ୍ଷା ଯୋଜନା ଆଧାରରେ ପଥପ୍ରାନ୍ତ ପାଲା ପରିବେଷଣ କରି ଜନସଚେତନ କରାଯାଉଛି। ଗାୟକ ପ୍ରମୋଦ କୁମାର ନାୟକ, ବାୟକ ପ୍ରକାଶ ଚନ୍ଦ୍ର ନାୟକ, ଭଗବାନ ନାୟକ, ଦୁଃଶାସନ ନାୟକ, ବସନ୍ତ ନାୟକ ପ୍ରମୁଖ ପାଲା କଳାକାର ବିଭିନ୍ନ ଗ୍ରାମମାନଙ୍କୁ ଯାଇ ପଥପ୍ରାନ୍ତ ପାଲା ପରିବେଷଣ କରୁଛନ୍ତି। ଏଥିରେ ସଂପୃକ୍ତ ପଞ୍ଚାୟତର ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ସହଯୋଗ କରୁଛନ୍ତି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ତାଳଚେର ଉପଖଣ୍ଡର ବିଭିନ୍ନ ଗ୍ରାମରେ ପରିବେଷଣ କରାଯାଉଥିବା ବେଳେ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜଣାପଡିଛି।

# ବ୍ରହ୍ମଣୀରେ ଛଡ଼ାଗଲା ୨ ଲକ୍ଷ ମାଛ ଯାଆଁଳ

**କଣିହାଁ, ୨।୩(ସମିସ):** କଣିହା ବ୍ଲକ ପରାବିଲ ପଞ୍ଚାୟତ ସିଙ୍ଗି ଗ୍ରାମ ବ୍ରହ୍ମଣୀ ନଦୀଘାଟ ନିକଟରେ ମତ୍ସ୍ୟ ବିଭାଗ ତରଫରୁ ମାଛ ଯାଆଁଳା ଶନିବାର ଛଡା ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ମତ୍ସ୍ୟ ବିଭାଗ ଉପ ନିର୍ଦ୍ଦେଶକ କୁଆଁର ମାରାଣ୍ଡି, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ କବିତା ହେମ୍ବ୍ରମ ପ୍ରମୁଖ ଯୋଗଦାନ କରିଥିଲେ। ମା' ତାରିଣୀ ମତ୍ସ୍ୟଜୀବୀ ସମବାୟ ସମିତି ସହଯୋଗରେ ମତ୍ସ୍ୟଜୀବୀଙ୍କ ଜୀବନ ଜିବିକାର ଆର୍ଥିକ ଉନ୍ନତି ସହିତ ଜନସାଧାରଣଙ୍କ ନଦୀ ମାଛ ପାଖରେ ପାଇବା ଲକ୍ଷ୍ୟ କୁ ନେଇ ସମଲ ଆନିକଟ ବ୍ରହ୍ମଣୀ ନଦୀ ଗର୍ଭରେ ୨ ଲକ୍ଷ ମାଛ ଚାରା ଛଡ଼ାଯାଇଛି। ଆଗାମୀ ଦିନରେ ୫ ଲକ୍ଷ ୫୦ ହଜାର ପୁନଃ ମାଛ ଚାରା ଛଡାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

# ବନ୍ୟପ୍ରାଣୀ ଦିବସ ପାଳିତ

**ଅନୁଗୋଳ, ୨।୩ (ସମିସ):** ଅନୁଗୋଳ ଉପକଣ୍ଠ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟଠାରେ ସାମାଜିକ ଅନୁଷ୍ଠାନ "ସାଥୀ ପରିବାର" ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅନୁଗୋଳ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୀର୍ତ୍ତନ ସାହୁ, ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ, ଓଡ଼ିଶା ଏଙ୍ଗଲର କ୍ଲବର ପ୍ରତିଷ୍ଠାତା ଅଭିଜିତ୍ ଦାସ, ବନପାଳ ଗତିକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଶୁଭେନ୍ଦୁ ସାହୁ, ଆଦିତ୍ୟ ବେହେରା ଓ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଆଲୋଚିତ ବିଷୟକୁ ନେଇ ଓପନ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରି କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କଠାରୁ ପୁରସ୍କୃତ କରାଇଥିଲେ। ସହକାରୀ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ଶିକ୍ଷକ ମଦନ ମୋହନ ନନ୍ଦ ଓ ସନତ କୁମାର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ଚାଷୀଙ୍କୁ ସାର, ଔଷଧ ପ୍ରଦାନ

**କୁଇଓ, ୨।୩ (ସମିସ):** ବଅାଁରପାଳ ବ୍ଲକ ଅନ୍ତର୍ଗତ ଯକ୍ଷମୁନାଳି ପଞ୍ଚାୟତର କାଙ୍ଗସି ତଇଲା ବନ ସଂରକ୍ଷଣ ସମିତି ବାସଗୃହ ଠାରେ ଜାତୀୟ ନିରାପତା ମିଶନ ତୈଳବୀଜ ଯୋଜନାରେ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ଅଣୁସାର ପୋକ ମରା ଔଷଧ ଦିଆଯାଇଛି। ୩୭ ହେକ୍ଟର ଜମିରେ ବାଦାମ ଚାଷ କରିଥିବା ୨୪୨ ଜଣ ଚାଷୀଙ୍କୁ କୃଷି ଗ୍ରାମ ସେବକ ଯାଦବ ସାହୁଙ୍କ ନେତୃତ୍ୱରେ ସାର ଔଷଧ ଦିଆଯାଇଛି। ଆଗକୁ ଯାହା ଦରକାର ଚାଷୀର ସରକାର ଯୋଗାଇ ଦେବେ ବୋଲି ଗ୍ରାମସେବକ କହିଛନ୍ତି।

## କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ

# ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ୨୦୨୪ ପୁରସ୍କାର

**ଅନୁଗୋଳ, ୨।୩ (ସମିସ)**






ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି) କୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ- ୨୦୨୪ ପ୍ରଦାନ କରାଯାଇଛି। ଗତ ସପ୍ତାହରେ ଦିଲ୍ଲୀର ଏସିପି ସାଇବର ସେଲ୍ (କ୍ରାଇମ ବ୍ରାଞ୍ଚ) ସନ୍ଦୀପ ମଲହୋତ୍ରା, ଆଇପିଏସ୍, ଏହି ପୁରସ୍କାର ପ୍ରଦାନ କରିଥିଲେ। ଜେଏସପି ପକ୍ଷରୁ ଏହାର ଗ୍ରୁପ୍ ଚିଫ୍ ଡିଜିଟାଲ୍ ଅଫିସର ଇନ୍ଦ୍ରଦ୍ୟୁମ୍ନ ଦତ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ। ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜେଏସପି ଏହାର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତିକରଣ କରିବା ଏବଂ ସ୍ଥାନୀୟ ଯୁବକମାନଙ୍କୁ ରାଜ୍ୟ ତଥା ଦେଶ ପାଇଁ କ୍ରୀଡ଼ା ପଦକ ଜିତିବାରେ ସକ୍ଷମ କରିବା ପାଇଁ ଅଗ୍ରଣୀ ତଥା ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଆସୁଛି। ଏହି ପୁରସ୍କାର ଦେଶରେ କ୍ରୀଡ଼ା ଭିତ୍ତିଭୂମି ବୃଦ୍ଧିକରିବା ଓ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଜେଏସପିର ପ୍ରତିବଦ୍ଧତାର ଅନ୍ୟତମ ପ୍ରମାଣ। ଏହି ଅବସରରେ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି ଯେ, "ଲୋକଙ୍କୁ ପ୍ରେରଣା ଯୋଗାଇବା, ସଶକ୍ତିକରଣ ଏବଂ ଏକଜୁଟ କରିବାରେ କ୍ରୀଡ଼ାର ପ୍ରଭାବି ସମ୍ଭାବନା ଉପରେ ଆମେ ବିଶ୍ୱାସ କରୁ। ଗ୍ରାମାଞ୍ଚଳ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଭବିଷ୍ୟତର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଆମର ପ୍ରୟାସ ଜାରି ରଖିବାକୁ ଏହି ପୁରସ୍କାର ଆମକୁ ଅଧିକ ପ୍ରେରଣା ଯୋଗାଇବ। ଏହି ସମ୍ମାନ ପାଇଁ ସେ ଜୁରୀ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ଲକ୍ଷ୍ୟକୁ ଦୃଢ଼କରିବା ପାଇଁ ଜେଏସପି ଉସୁ, କବାଡ଼ି, ତୀରନ୍ଦାଜ, ଫୁଟବଲ, ଏବଂ କ୍ରିକେଟ୍ ଭଳି ବିଭିନ୍ନ କ୍ରୀଡ଼ା ଅଦିକୁ ପ୍ରୋତ୍ସାହିତ କରିଥାଏ। କ୍ରୀଡ଼ା ଭିତ୍ତିଭୂମି, ପୁଷ୍ଟିକର ଖାଦ୍ୟ ଏବଂ ପ୍ରଶିକ୍ଷଣ ବ୍ୟବସ୍ଥା ତଥା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ନିମନ୍ତେ ସହାୟତା ଆଦି ମାଧ୍ୟମରେ ଜେଏସପି ଖେଳ ପାଇଁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିଥାଏ। ଓଡ଼ିଶା, ଛତିଶଗଡ଼ ଏବଂ ଝାଡଖଣ୍ଡରେ ଜେଏସପି ୨୫୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ା ପ୍ରତିଭାଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇଦେଉଛି। ଜେଏସପି ଫାଉଣ୍ଡେସନ ୧୦ ଟି ଖେଳ ପଡ଼ିଆ, ଦୁଇଟି କ୍ରୀଡ଼ା କମ୍ପ୍ଲେକ୍ସ ଓ ଷ୍ଟାଡିୟମ ଏବଂ ଗୋଟିଏ କ୍ରୀଡ଼ା ହଷ୍ଟେଲ ନିର୍ମାଣ କରିଛି। ବଡ଼ବିଲରେ ଥିବା ସ୍ପୋର୍ଟସ ହଷ୍ଟେଲ ଆଦିବାସୀ ତଥା ଆର୍ଥିକ ସ୍ତରରେ ଦୁର୍ବଳ କ୍ରୀଡ଼ା ପ୍ରତିଭାମାନଙ୍କୁ ମାଗଣାରେ ଆବାସ, ପୁଷ୍ଟିକର ଖାଦ୍ୟ, ଇଂରାଜୀ-ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରଦାନ କରୁଛି। ଜେଏସପି ଦ୍ୱାରା ପ୍ରୋତ୍ସାହିତ ଅନେକ ପ୍ରତିଭା ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ଜିତି ଦେଶ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି।

# ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ନିଯୁକ୍ତି ଦାବି



**ଅନୁଗୋଳ, ୨।୩ (ସମିସ):** ଶନିବାର ପୂର୍ବାହ୍ନରେ ଅନୁଗୋଳ ଗସ୍ତରେ ଥିବା ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀଙ୍କୁ ଅନୁଗୋଳ ସଚେତନ ନାଗରିକ ସଂଗଠନ ପକ୍ଷରୁ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାରୀ ନିଯୁକ୍ତି ନେଇ ଦାବି ଉପସ୍ଥାପନା କରାଯାଇଛି। ନାଗରିକମାନଙ୍କ ପକ୍ଷରୁ ପରିବହନ ସଚିବଙ୍କୁ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଅନୁଗୋଳରେ ନଥିବା କାରଣରୁ ପରିବହନ, ଯାତାୟାତ ଓ ବିଭିନ୍ନ ଆବଶ୍ୟକୀୟ କାଗଜପତ୍ର କାର୍ଯ୍ୟ ଭଳି ଅନେକ ସମସ୍ୟା ଦେଖାଦେଇଛି। ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ମଧ୍ୟ ଦେଇ ଦୈନିକ ଲକ୍ଷ ଲକ୍ଷ ଭାରିଯାନ ସାଙ୍ଗକୁ ଛୋଟ ବଡ଼ ଯାନ ମଧ୍ୟ ଯାତାୟାତ କରିଥାନ୍ତି। ତେବେ ଗାଡ଼ି ଚଳାଚଳ ଜନିତ ଅନେକ ସମସ୍ୟା ରହିଥିଲେ ହେଁ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ କେହି ନିଯୁକ୍ତି ହୋଇ ନଥିବା କାରଣରୁ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱ ତୁଲାଇବା ନିମନ୍ତେ ଅତିରିକ୍ତ ଦାୟିତ୍ୱ ମିଳିଛି। ଫଳରେ ଦୁଇ ଦୁଇଟି କାର୍ଯ୍ୟାଳୟର ଦାୟିତ୍ୱ ନିର୍ବାହ କରିବାରେ ସମସ୍ୟା ଉପୁଜୁଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବିଭିନ୍ନ ଦୂରଦୂରାନ୍ତରୁ ଲୋକେ ଆସି ଅନୁଗୋଳ କାର୍ଯ୍ୟାଳୟରେ ନିଜ ଆବଶ୍ୟକୀୟ କାର୍ଯ୍ୟ କରିପାରିବାରେ ହଇରାଣ ହରକତ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିଯୁକ୍ତି କରାଯାଉ ବୋଲି ଅନୁଗୋଳ ସଚେତନ ନାଗରିକ ସଂଗଠନର ଆବାହକ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଣିଜ୍ୟ ଓ ପରିବହନ ସଚିବଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ମୁଁ ଅବଗତ ଅଛି ଆଉ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ସଚିବ ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି। ପ୍ରତିନିଧି ଦଳରେ ସୌମ୍ୟରଞ୍ଜନ ଦାଶ, ପ୍ରତାପ ମହାପାତ୍ର, ବ୍ରହ୍ମଜ୍ୟୋତି ମିଶ୍ର, ଆଦ୍ୟଶ୍ଳୋକ ମିଶ୍ର ଓ ଜୁଲୁ ସାହୁ ପ୍ରମୁଖ ରହିଥିଲେ।

# ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ବଇଣ୍ଡା, ୨।୩(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ଥିବା ଶୈବପୀଠରେ ଶୁକ୍ରବାର ମହା ଶିବରାତ୍ରି ପାଳନ ହେବ। ଏ ନେଇ ଶନିବାର ସାପ୍ତାହିକ ହାଟ ପଡିଆରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ସଭାପତି ରାଜକୁମାର ଅଗ୍ରୱାଲା, ମନ୍ଦିର ପୂଜକ ହଡକ୍ଷ ମହାପାତ୍ର, ସହ ସମ୍ପାଦକ ପରୀକ୍ଷିତ ସାହୁ, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ଶୁଭେନ୍ଦୁ ସାହୁ, ଜଳଧର ସାହୁ, ରମେଶ କୁମାର ଟିବ୍ରୁୱାଲା, ଗିରିଶ ଚନ୍ଦ୍ର ବେହେରା, ଲଛମନ ଦାସ, ଜନ୍ମେଶ୍ୱର ବେହେରା, ପ୍ରକାଶ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର ବେହେରା, ସନ୍ତୋଷ ସାହୁଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ଏଥିରେ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା କୁ ନିଷ୍ପତ୍ତି ହୋଇଛି।

# ମୋ ସ୍କୁଲ ଅଭିଯାନ ସମାରୋହ

**ଅନୁଗୋଳ, ୨।୩(ସମିସ):** ସହର ଉପକଣ୍ଠ ରାଣୀଗୋଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ସମାରୋହ ପାଳିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତଥା ସମ୍ପାଦିକା ସୁଷମା ଜେନା, ପୁରାତନ ଛାତ୍ର ବିଶିଷ୍ଟ ଶିକ୍ଷାବିତ ମେଜର ଧନେଶ୍ୱର ଦାସ, ଉପ ସଭାପତି ନୀର ସାହୁ, ପୁରାତନ ଛାତ୍ର ତଥା ମୋ ସ୍କୁଲ ଅଭିଯାନ ବରିଷ୍ଠ ସଦସ୍ୟ ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ ସ୍କୁଲ ପରିଚାଳନା କମିଟି ସଭାପତି ଅନିଲ ବେହେରା, ସମାଜସେବୀ ତଥା ପୁରାତନ ଛାତ୍ର ବିରେନ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।, ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣେଇବା ସହ ମୋ ସ୍କୁଲ ଅଭିଯାନର ଆଭିମୁଖ୍ୟ ଓ ବିଦ୍ୟାଳୟ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ବିଶୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ମୋ ସ୍କୁଲ ଅଭିଯାନରେ କାର୍ଯ୍ୟକାରି ହେଉଥିବା ପ୍ରକଳ୍ପ ସ୍କୁଲ ଫାଟକ ଟ.୮୦ ୦୦୦, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ନିମିତ୍ତ ବେଞ୍ଚ ଡେକ୍ସ ଟ.୭୦ ୦୦୦, ଶ୍ରେଣୀ କକ୍ଷର ସଂଯୋଗୀକରଣ ରାସ୍ତା ନିର୍ମାଣ ଟ.୬୦ ୦୦୦, ଦ୍ୱିତିୟ ପର୍ଯ୍ୟାୟ ବେଞ୍ଚ ଡେକ୍ସ ନିର୍ମାଣ ଟ.୧, ୨୦, ୦୦୦ ଖର୍ଚ୍ଚ ହୋଇ ଥିବା ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରେଇଥିଲେ। ସମାରୋହରେ ପୁରାତନ ଛାତ୍ର ଗୋଷ୍ଠୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅବିଭାବକ କମିଟି, ବିଦ୍ୟାଳୟର ଶିକ୍ଷକ ନିରୋଦ କୁମାର ସେନାପତି, ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ପଣ୍ଡା ପାଣିଗ୍ରାହୀ, ନିରୁପମା ସାହୁ, ବବିତା ସାହୁ, ବିନୋଦିନୀ ସାହୁ ଓ ଛାତ୍ର ଛାତ୍ରୀ ପୁରାତନ ଛାତ୍ର ଆଦକନ୍ଦ ସିଂହ ସାମନ୍ତ, ଗୋକୁଳ ଚନ୍ଦ୍ର ସାମନ୍ତ, ଅନ୍ତର୍ଯାମୀ ମହାପାତ୍ର, ପ୍ରତାପ ଦାସ, ଜ୍ଞାନୀ ମହାପାତ୍ର, କୁମୁଦ ଦାସ ଏବଂ ଅବିଭାବକମାନେ ଉପସ୍ଥିତ ରହିଥିଲେ।

# ଭୋଟ୍‌ବର୍ଜନ କରିବେ କଳମଛୁଇଁ କ୍ଷତିଗ୍ରସ୍ତ ପ୍ରଜା

**ତାଳଚେର ସଦର, ୨।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ କଳମଛୁଇଁ ଗ୍ରାମର ୨୦ଟି ୱାର୍ଡ଼ରୁ ୧୧ଟି ୱାର୍ଡ଼ର ବାସିନ୍ଦା କୋଇଲା ଖଣିରେ ଜମି ହରାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୁନର୍ବାସ, ଥଇଥାନ ନିଯୁକ୍ତି ନ ମିଳିବାରୁ ୨୦୨୪ ନିର୍ବାଚନ ଭୋଟବର୍ଜନ କରିବାକୁ ନିଷ୍ପତ୍ତି ନେଇ ତାଳଚେର ଉପଜିଲାପାଳଙ୍କଠାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାନଦୀ କୋଇଲା କମ୍ପାନୀ ଅଧୀନସ୍ଥ ହିଙ୍ଗୁଳା କୋଇଲା ଖଣି ପାଇଁ ୨୦୦୬ରୁ ଜମିଅଧିଗ୍ରହଣ ହୋଇଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଅଦ୍ୟାବଧି ପୁନର୍ବାସ ଓ ଥଇଥାନ ନେଇ ବାସ ଉପଯୋଗୀ ପ୍ଲଟ ପ୍ରଦାନ କରାଯାଇନାହିଁ ବୋଲି ଗ୍ରାମବାସୀ ଏହା ଅଭିଯୋଗ କରିଛନ୍ତି। ଏହାସହ ଜଳମଛୁଇଁ ଗ୍ରାମବାସୀଙ୍କ ନାମରେ ଥିବା ଖାତା ନମ୍ବର ୬୪୭ଟି ଏମସିଏଲ ଅଧିଗ୍ରହଣ କରିସାରିଥିଲେ ମଧ୍ୟ ସାମୂହିକ କ୍ଷତିପୂରଣ ରାଶି ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉନାହିଁ। ଯେଉଁମାନଙ୍କ କେବଳ ଘରବାରି ଥିବା ବେଳେ କୌଣସି ଚାଷ ଜମି ନାହିଁ, ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି। ପରିବାରରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁ ନଥିବା ଅଭିଯୋଗ ହେଉଛି। ଅବିବାହିତ ଝିଅଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ସହ ୨୦୧୩ ଅଗଷ୍ଟ ୨ ରେ ଅନୁଷ୍ଠିତ ସବ କମିଟି ବୈଠକରେ ସ୍ନିଗ୍ଧାରାଣୀ ମହାପାତ୍ର ଓ ଅନ୍ୟମାନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ମିଳି ନଥିବା ଅଭିଯୋଗ ହେଉଛି। ସରକାରୀ ଜମି ଜବରଦଖଲ ଉପରେ ଷ୍ଟ୍ରକଚର୍ ନିର୍ମାଣ କରିଥିବା ବ୍ୟକ୍ତି ବିଶେଷଙ୍କୁ କ୍ଷତିପୂରଣ ଅର୍ଥ ଦେବାକୁ ଏମସିଏଲ କର୍ତ୍ତୃପକ୍ଷ ୨୦୧୭ ନଭେମ୍ବର ୨୭ ତାରିଖରେ ଅନୁଷ୍ଠିତ ବୈଠକରେ ରାଜି ହୋଇଥିଲେ ମଧ୍ୟ ସେମାନଙ୍କୁ କ୍ଷତିପୂରଣ ମିଳି ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାସହ କଳମଛୁଇଁ ଗ୍ରାମକୁ ଏନଓସି ଦିଆଯାଇ ନଥିବାରୁ ଗ୍ରାମର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ପାଇଁ କ୍ଷତିଗ୍ରସ୍ତ ପ୍ରଜାମାନେ ବାରମ୍ବାର ପ୍ରତାରଣର ଶିକାର ହୋଇ ଆସୁଥିଲେ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ସେମାନଙ୍କ ଦାବି ପାଇଁ ଲଢେଇ ଜାରି ରଖୁଥିଲେ ଓ ସର୍ବ ଶେଷରେ ଚରମ ନିଷ୍ପତ୍ତି ସେମାନେ ନେବାକୁ ବାଧ୍ୟ ହୋଇଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ



**କଣିହାଁ, ୨।୩(ସମିସ):** କଣିହା ବ୍ଲକର ସାନତ୍ରିବିଡ଼ା ପଞ୍ଚାୟତ ଧୋବାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସେହିପରି ଗଦକ୍ଷଶୀଳ ଗ୍ରାମ ତଳସାହିରେ ଚାରିପ୍ରହର ନାମଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଛି। ଉଭୟ ଗ୍ରାମରେ କଳସ ଯାତ୍ରା, ମଙ୍ଗଳ ଅଧିବାସ ନାମଯଜ୍ଞ ଇତ୍ୟାଦି କର୍ମକୁ ନେଇ ବିଜ୍ଞ ପଣ୍ଡିତ ବିଧିକର୍ମ କରୁଥିବା ବେଳେ ଶ୍ରଦ୍ଧାଳୁ ଙ୍କ ଭିଡ ଜମୁଛି। ରବିବାର ଉଭୟ ଗ୍ରାମରେ ନଗର ସଙ୍କୀର୍ତ୍ତନ ସହିତ କାର୍ଯ୍ୟକ୍ରମ ସମାପନ ହେବ ବୋଲି ଜଣାପଡିଛି। ସମାପନ ଉତ୍ସବରେ ଯୋଗଦାନ କରି ସହଯୋଗ କରିବା ପାଇଁ ଆୟୋଜକ ଗ୍ରାମବାସୀଙ୍କ ତରଫରୁ ନିବେଦନ କରାଯାଇଛି।

# 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଆରମ୍ଭ

**ଆଠମଲ୍ଲିକ, ୨।୩ (ସମିସ):** ଶନିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଠମଲ୍ଲିକଠାରେ ଶିଶୁ ବାଟିକା ବିଭାଗର ନୂତନ ଭାବେ ନାମ ଲେଖାଇବା ପାଇଁ ଇଚ୍ଛୁକ ଥିବା ମାତା ପିତାଙ୍କୁ ନେଇ 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ ପରିବାର ପ୍ରଶିକ୍ଷଣର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ମେଘନାଦ ସାହୁଙ୍କ କରକମଳରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ମୁଖ୍ୟ ବକ୍ତାଙ୍କ ପରିଚୟ ପ୍ରଦାନ କରିବା ସହିତ ପ୍ରଶିକ୍ଷଣର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଶିଶୁ ଶିକ୍ଷାର ସ୍ୱରୂପ ଓ ଶିଶୁମାନଙ୍କ ଲାଳନ ପାଳନରେ ମାତା ପିତାଙ୍କ ଭୂମିକା ବିଷୟରେ ମା' ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ମା ' ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ।

# ପାଲଲହଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ

ପାଲଲହଡ଼ା, ୨।୩(ସମିସ):- ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ ଶନିବାର ସ୍ଥାନୀୟ ଶରତଚନ୍ଦ୍ର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ପାଲଲହଡ଼ା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ପାଲଲହଡ଼ା ଓ କଣିହା ବ୍ଲକର ବିଡିଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତଥା ଜନହିତକର ଯୋଜନାର ପ୍ରଗତି ବିଷୟରେ ବିଧାୟକ ସମୀକ୍ଷା କରିଥିଲେ। ଆଜିଯାଏ କେତେ କାର୍ଯ୍ୟ ସମାପନ ହୋଇଛି ଏବଂ କେତେ କାର୍ଯ୍ୟ ଜାରି ରହିଛି ତଥା କେତେ ବକେୟା ରହିଛି ତାର ଟିକିନିଖି ତଥ୍ୟ ବିଷୟରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ବକେୟା ଥିବା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ସୁଶାନ୍ତ ପତି ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।ଲେଫ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍ ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତ ଅଛନ୍ତି।

# ୫ରେ 'ଆମେ ବଞ୍ଚିଛୁ'ର ଦଶମ ନାଟକ ଉତ୍ସବ

**ତାଳଚେର, ୨।୩(ସମିସ):** ତାଳଚେରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଆମେ ବଞ୍ଚିଛୁ'ର ଦଶମ ନାଟକ ଉତ୍ସବ ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଚଳିତ ମାର୍ଚ୍ଚ ମାସ ୫ ତାରିଖରୁ ଆରମ୍ଭ ହେବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ଏମସିଏଲ୍ର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନାଟକ ଉତ୍ସବରେ ଦୁଇଟି ନାଟକ ମଞ୍ଚସ୍ଥ ହେବ। ମାର୍ଚ୍ଚ ୫ତାରିଖରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର ଆନୁକୂଲ୍ୟରେ ଡଃ ନାରାୟଣ ସାହୁଙ୍କ ରଚିତ ଓ ଯୁବ ନିର୍ଦ୍ଦେଶକ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ନାଟକ ଅନାଗତ ଓ ସମ୍ବଲପୁରର ଅଗ୍ରଣୀ ନାଟ୍ୟସଂସ୍ଥା ସ୍ୱର ର କଳାକାରମାନଙ୍କ ଦ୍ୱାରା ଅଭିନୀତ ପଂଚାନନ ମିଶ୍ରଙ୍କ ରଚିତ ଓ ମାନସ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ କଥାନୀ ମଂଚସ୍ଥ ହେବ। ୬ ତାରିଖରେ ବିଭିନ୍ନ ବିଦ୍ୟାଳୟରେ ଆମେ ବଞ୍ଚିଛୁର କଳାକାରମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ।

## ଅଧାରୁ ପାଠ ଛାଡ଼ିଥିବା ୧୭ ବର୍ଷରୁ ଅଧିକ ଅଷ୍ଟମ ଶ୍ରେଣୀ ପାସ୍

# ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ସିଟିଟିସି ସହ ଚୁକ୍ତି ସ୍ୱାକ୍ଷରିତ

**ଅନୁଗୋଳ, ୨।୩ (ସମିସ)**



ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଖଣିଜ ପାଣ୍ଠିର ମିଳିତ ଆନୁକୂଲ୍ୟରେ ଅଧାରୁ ପାଠ ଛାଡିଥିବା ଅଷ୍ଟମ ଶ୍ରେଣୀ ପାସ କରିଥିବା ଓ ଦଶମ ଶ୍ରେଣୀ ଫେଲ ହୋଇଥିବା ୧୭ ବର୍ଷରୁ ଅଧିକ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ସହିତ ରୋଜଗାରକ୍ଷମ କରିବା ନିମନ୍ତେ ଏକ ବର୍ଷିଆ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଯୋଗଦେବା ନିମନ୍ତେ ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ସଂସ୍ଥା ସିଟିଟିସି ସହିତ ଏକ ବୁଝାମଣା ପତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଓ ସିଟିଟିସି ଅଧିକାରୀଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଯାଇଛି। ଉକ୍ତ ଚୁକ୍ତିନାମା ମୁତାବକ ଛାତ୍ରଛାତ୍ରୀମାନଙ୍କ ତାଲିମ, ଛାତ୍ରାବାସରେ ରହିବା ଓ ଖାଇବା ଖର୍ଚ୍ଚ ତଥା ମାସିକ ଟ ୧୦୦୦/-ଙ୍କା ଭତ୍ତା ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ବହନ କରିବାର ବ୍ୟବସ୍ଥା କରାଯାଇଛି। ଏହି ଏକବର୍ଷିଆ ତାଲିମ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ କୋର୍ସ ଇନ ମେସିନ ଅପରେସନ ଟ୍ରେଡରେ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କାରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଚୟନ ନିମନ୍ତେ ଆସନ୍ତା ତା୦୭, ୦୩, ୨୦୨୪ ରିଖ ଏକ ପରାମର୍ଶ ଶିବିରର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଛି। ୧୭ ବର୍ଷରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଶିବିରରେ ଯୋଗଦାନ କରି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।




## ଗୋରୁ ବୋଝେଇ ଗାଡ଼ି ଜବତ; ୩ ଗିରଫ

**ଡେରାବିଶ,୨।୩(ସମିସ):** ବେଆଇନ ଭାବେ ଗୋ-ଚାଲାଣ ବେଳେ ଶନିବାର ଅପରାହ୍ନରେ ୫୩ ନଂ ଜାତୀୟ ରାଜପଥର ଛତା ଛକଠାରେ ଡେରାବିଶ ପୁଲିସ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିବା ସହ ଡ୍ରାଇଭର ସମେତ ୩ ଜଣଙ୍କୁ ଗିରଫ କରିଛି। ଏ ନେଇ ନିକିରେଇ ଥାନା ଅଞ୍ଚଳର ମାଧବ ଚନ୍ଦ୍ର ପରିଡ଼ାଙ୍କ ଜଣେ ଯୁବକଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଏଏସ୍ଆଇ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ପୋଲିସ ୪ ଟି ଗୋରୁ ଜବତ କରିଥିବା ଜଣାଯାଇଛି।

## ସିଦ୍ଧାର୍ଥ କଟାରିଆ କେନ୍ଦ୍ରାପଡା ନୂତନ ଏସ୍‌ପି



**କେନ୍ଦ୍ରାପଡ଼ା,୨।୩(ସମିସ):** ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡାର ନୂତନ ଏସପି ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରାପଡାରେ ବିନୋଥ ଯୁଗଳ କିଶୋର ଏସପି ଭାବରେ ଗତ ଜାନୁଆରୀମାସ ୨୮ ତାରିଖରେ ଯୋଗଦେଇଥିଲେ। କେନ୍ଦ୍ରାପଡାରେ ମାତ୍ର ଏକମାସ ୨ଦିନ କାର୍ଯ୍ୟ କରିବା ପରେ ତାଙ୍କୁ ଖୋର୍ଦ୍ଧା ଜିଲ୍ଲାର ଏସ୍‌ପି ଭାବରେ ବଦଳି କରିଦିଆଯାଇଛି। ଶ୍ରୀ ବିନୋଥଙ୍କ ସ୍ଥାନରେ ୨୦୧୭ ବ୍ୟାଚର ଆଇପିଏସ୍ ତଥା ଖୋର୍ଦ୍ଧାର ଏସପି ଥିବା ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡାର ଏସପି ଭାବେ ନିଯୁକ୍ତି ଦିଆଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ପଟ୍ଟାମୁଣ୍ଡାଇ,୨।୩(ସମିସ):** ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅନ୍ତର୍ଗତ ତନୁପୁର ବିଡ଼ି ନୋଡାଲ ଉପ୍ରା ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳୀ କୁମାରୀ ବିଶ୍ୱାଳ ଅବସର ଗ୍ରହଣ କରିଛନ୍ତି। ସିଆରସିସି ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଲାଇ, ମୁଖ୍ୟବକ୍ତା ପୂର୍ବତନ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସଚିତ୍ର ବେହୁରା, ସମ୍ମାନୀତ ଅତିଥି ସ୍କୁଲ ପରିଚାଳନା କମିଟି ସଭାପତି ସୁଶାନ୍ତ ବେହୁରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଚନ୍ଦ୍ରଶେଖର ମହାପାତ୍ର ପ୍ରଧାନଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ଉକ୍ତ କ୍ଲଷ୍ଟରରୁ ଆସିଥିବା ଶିକ୍ଷକ,ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉତ୍ସବରେ ଯୋଗ ଦେଇ ଶ୍ରୀମତୀ ବିଶ୍ୱାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ବିଦ୍ୟାଳୟରଶିକ୍ଷୟିତ୍ରୀରଶ୍ମୀରେଖାବରାଳ, ଲୋପାମୁଦ୍ରାମହାପାତ୍ରଓଅଭିଭାବକମାନେ ପରିଚାଳନା କରିଥିଲେ। ଶେଷରେ ମାମାଲୀନ କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭାଗୀୟ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୨।୩(ସମିସ):** କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ଗଣେଶ ଚନ୍ଦ୍ର ରାଉତ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ଗଣେଶ ଚନ୍ଦ୍ର ରାଉତଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଦାଶ, ମହାକାଳପଡା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, ଜୟନ୍ତ କୁମାର ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ପ୍ରିୟରଞ୍ଜନ ବିଶ୍ୱାଳ, ନିରଞ୍ଜନ ସାହୁ, ବିପିନବିହାରୀ ବିଶ୍ୱାଳ, ବିଭୁତିଭୂଷଣ ପରିଡା, ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶିକ୍ଷା ବିଭାଗର ଅନେକ ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ବିଭାଗୀୟ ଅଧିକାରୀ ଶ୍ରୀ ରାଉତଙ୍କ ସୁସ୍ଥ ଓ ନିରାମୟ ଅବସର ଜୀବନ ପାଇଁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ନୂତନ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ,୨।୩(ସମିସ):** ଡେରାବିଶ ବ୍ଲକ ଗୁଆଳସିଂସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ କୁମାର ମାଟିଙ୍କୁ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ମାଟି ପୂର୍ବରୁ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟକରି ବହୁ ସୁନାମ ଅର୍ଜନ କରିଥିବା ଜଣାଯାଇଛି। ଶ୍ରୀ ତ୍ରିପାଠୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନଙ୍କର ବହୁ ନାଯ୍ୟ ଅଧିକାରକୁ କିପରି କ୍ଷୁର୍ଣ୍ଣ କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଏସବୁର ଆଶୁ ସମାଧାନ ହେବ ବୋଲି ଅଧିକାରୀ ଶ୍ରୀ ମାଟି ପ୍ରତିଶ୍ରୁତି ଦେଇଥିବା ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ରାସ୍ତା କଡ଼ରେ ହାଟ; ଟ୍ରାଫିକ୍ ସମସ୍ୟା ଅଣାୟତ





**କେନ୍ଦ୍ରାପଡ଼ା,୨।୩(ସମିସ)**

ଦିନକୁ ଦିନ କେନ୍ଦ୍ରାପଡ଼ା ସହରର ଟ୍ରାଫିକ ସମସ୍ୟା ଅଣାୟତ ହେଉଛି। ସହରର ଟ୍ରାଫିକ ସମ୍ଭାଳିବାକୁ ନୂତନ ବିକଳ୍ପ ରାସ୍ତା ପ୍ରତି କେହି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ, ମ୍ୟୁନିସିପାଲିଟିର ଏନେଇ କୌଣସି ଠୋସ ପଦକ୍ଷେପ ଦେଖିବାକୁ ମିଳୁନି। ପ୍ରତ୍ୟେକ ଦିନ ଗୋପ ଛକରୁ କେନ୍ଦ୍ରାପଡ଼ା ସହର ଭିତରକୁ ଯିବାକୁ ରାସ୍ତା ରହିଛି। ଗୋଟିଏ ପଟେ ଦୁହୁରିଆ ଅନ୍ୟପଟେ ପାରାଦୀପ ଯିବାକୁ ଏହି ଜାତୀୟ ରାଜପଥରେ ଯିବାକୁ ପଡ଼େ। ଏହି ରାସ୍ତା ଯାତାୟାତକୁ ସହଜ କରିବା ପରିବର୍ତ୍ତେ ଆହୁରି ଜଟିଳ ହୋଇପଡ଼ିଛି। ହାଟ ସମୟରେ ବସ, ଟ୍ରକ ଆଦି ଚଳାଚଳ ଯୋଗୁ ଟ୍ରାଫିକ୍ ସମସ୍ୟା ଉତ୍କଟ ହେବା ସହ ନିୟମିତ ଭାବେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେଣୁ ଖୁବଶୀଘ୍ର ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି।

ରାସ୍ତାର ଗୋଟିଏ ପାଶ୍ୱର୍ରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବା ସହ ଅନ୍ୟପାଶ୍ୱର୍ରେ ଉଭୟ ଦିଗରୁ ଭାରିଯାନ ସହ କାର, ବାଇକ୍ ଆଦି ଚଳାଚଳ କରୁଛି।

### ● ହନ୍ତସନ୍ତ ହେଉଛନ୍ତି ଲୋକେ; ଯାଇପାରୁନି ଆମ୍ବୁଲାନ୍ସ

ଏଥିପ୍ରତି କାହାରି ନିଘା ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ରାସ୍ତା ଉପରେ ପଚାଶଢ଼ା ପନିପରିବା ପକାଇ ଦିଆଯାଉଥିବାରୁ ଉକ୍ରଟ ଗନ୍ଧ ଆଖପାଖ ପରିବେଶକୁ ପ୍ରଦୂଷିତ କରୁଛି। ଏହାଛଡା ସ୍କୁଟି, ବାଇକ ଚକା ପଚା ପରିବା ଉପରେ ପଡି ଖସିଯାଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଆମେ କହୁଛୁ କେନ୍ଦ୍ରାପଡ଼ା ଗୋପ ହାଟର କଥା। ସପ୍ତାହକୁ ଦୁଇଥର ଗୁରୁବାର ଆଉ ରବିବାର ଏହି ହାଟ ବସୁଛି। ଜିଲ୍ଲାର ଅଧିକାଂଶ ଲୋକ ଏହି ହାଟ ଉପରେ ନିର୍ଭରଶୀଳ। ଖାଉଟିଙ୍କ ପାଇଁ ହାଟ ବେଶ୍ ଗୁରୁତ୍ୱପୂର୍ଣ୍ଣ, ହେଲେ ସଠିକ ସ୍ଥାନ ନିରୂପଣ କରିବା ସହ ଗ୍ରାହକ ଆଉ ପଥଚାରୀଙ୍କ ସୁବିଧାକୁ ନଜରରେ ରଖାଯିବା କଥା। ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ହାଟ ପରିଚାଳନା କରାଯାଇଥାଏ। ହେଲେ ଗୋପ ହାଟ ନିୟନ୍ତ୍ରଣ ବଜାରର ନିୟନ୍ତ୍ରଣ ବାହାରେ ରହିଥିବା ଭଳି ପରିଲକ୍ଷିତ ହୁଏ। ଜାତୀୟ ରାଜପଥ କଡ଼ରେ ଏହି ହାଟ ବସୁଥିବା କାରଣରୁ ଟ୍ରାଫିକ ଜାମ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏମିତିକି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହାଟ ମଝିରେ ତିଆରି ହୋଇଥିବା ପିଣ୍ଡି କାର୍ଯ୍ୟରେ ଲାଗୁନଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟବସାୟୀମାନେ ହାଟରୁ ରାସ୍ତା କଡକୁ ଆସି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଯିବା ଆସିବା କଷ୍ଟ ହେଉଛି। ସ୍କୁଲ କଲେଜ ଛାତ୍ରଛାତ୍ରୀ, ସାଧାରଣ ଲୋକ ଏବଂ ଆମ୍ବୁଲାନ୍ସଟିଏ ଏହି ସମୟରେ ଯିବା କଷ୍ଟକର ହୋଇପଡୁଛି। ପ୍ରଶାସନିକ ଅବହେଳାରୁ ଏହି ବୃହତମ ହାଟ ପାଇଁ ଜାଗାର ଅଭାବ ରହିଛି। ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ଶୃଙ୍ଖଳିତ ବ୍ୟବସାୟ ପାଇଁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିକାଣ୍ଡ

### ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି





**କେନ୍ଦ୍ରାପଡ଼ା,୨।୩(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା ବିଲ୍ଡିଂରେ ଆଜି ଅପରାହ୍ନ ଅଗ୍ନିକାଣ୍ଡ ଘଟିଛି। ସମ୍ପୂର୍ଣ୍ଣ ଷ୍ଟୋର ରୁମରେ ଥିବା ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଛି। ଏଥିରେ ପ୍ରାୟ ୧୦ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। କେନ୍ଦ୍ରାପଡାରୁ ଦୁଇଟି ଅଗ୍ନିଶମ ଗାଡି ଯାଇ ନିଆଁକୁ ଆୟତ କରିଥିଲେ। ପୁରୁଣା ବିଲ୍ଡିଂରେ ଥିବା ଷ୍ଟୋର ରୁମ୍, ଓଟି, ଲେବର ରୁମ୍, ନିରାମୟ ଔଷଧ ଷ୍ଟୋର, ଓପିଡି, କ୍ୟାଣ୍ଟିନ ପ୍ରଭୃତି ଅଗ୍ନିକାଣ୍ଡରେ କ୍ଷୟକ୍ଷତି ଘଟିଛି। ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

## ବେଣିପୁର ଏମ୍‌ବିକେଙ୍କୁ ମାଡ଼; ଥାନାରେ ଅଭିଯୋଗ

**ପଞ୍ଚୁପାଣ୍ଡବ,୨।୩(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ ମିଶନଶକ୍ତିର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ରର କାର୍ଯ୍ୟକର୍ତ୍ତା ନିଯୁକ୍ତ ହେଲେଣି ସେବେଠାରୁ ଏହି ବିବାଦ ତାଙ୍କର ପିଛା ଛାଡୁନାହିଁ। ଏହି ବାଦବିବାଦ ଶେଷରେ ଗଣ୍ଡଗୋଳର ରୁପନେଇ ଥାନାରେ ମାମଲା ପହଞ୍ଚିଛି। ବେଣିପୁର ପଞ୍ଚାୟତର ଏମ୍‌ବିକେ ତୁଳସୀ ମଳିକଙ୍କୁ ମିଶନଶକ୍ତି ମହାସଂଘର ସଭାପତି ନମିତା ସାହୁ ଓ ସମ୍ପାଦକ ମଧୁସ୍ମିତା ମଣ୍ଡଳ ମାଡ଼ ମାରିଥିବା ନେଇ ନିକିରେଇ ଥାନାରେ ତୁଳସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏମ୍‌ବିକେ ପଦବୀ ପାଇଁ ସେ ଏବଂ ନମିତା ସାହୁ, ଆବେଦନ କରିଥିଲେ। ହେଲେ ତୁଳସୀ ଏମ୍‌ବିକେ ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିଦିନ ଠାରୁ ତୁଳସୀଙ୍କୁ ନମିତା ସାହୁ ଓ ମଧୁସ୍ମିତା ମଣ୍ଡଳ କିଛି ମେମ୍ବରଙ୍କୁ ନେଇ ସବୁବେଳେ ଜାତିଆଣ ଆକ୍ଷେପ କରୁଥିବା ବେଳେ ପ୍ରତି କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ବ୍ଲକର ଉପର କର୍ମଚାରୀମାନଙ୍କୁ ତାଙ୍କ ନାମରେ ମିଛସତ କହି ଅପଦସ୍ଥ କରାଉଛନ୍ତି। ଏଥିନିମନ୍ତେ ବ୍ଲକର କର୍ମଚାରୀମାନେ ପଞ୍ଚାୟତକୁ ଆସି ତଦନ୍ତ କରୁଥିବା ବେଳେ ସଭାପତି ଓ ସମ୍ପାଦକ ତାଙ୍କ ବିଷୟରେ ମିଛସତ କହି ତାଙ୍କୁ ଧମକ ଚମକ ଦେଇଥିଲେ। ଉକ୍ତଦିନ ପ୍ରାୟ ରାତି ୭ଟାରେ ନମିତା ଓ ମଧୁସ୍ମିତା ତୁଳସୀଙ୍କ ଘର ପାଖକୁ ଆସି ଗାଳିଗୁଲଜ କରିବା ସହ କାହିଁକି ବୈଠକରେ ଆମ ବିରୁଧରେ କହିଥିଲୁ ବୋଲି କହି ମାଡ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଆଜି ତୁଳସୀ ନିକିରେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ନିକିରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ କହିଛି। ସୂଚନା ଯୋଗ୍ୟ ଏହି ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଦୁଇ ଯୋଗ୍ୟ ସିଆରପିଙ୍କ ପାଇଁ ଲୋକାୟୁକ୍ତ ନିକଟରେ ଅଭିଯୋଗ ହୋଇ ତଦନ୍ତ ଚାଲିଛି। ଏହି ପଞ୍ଚାୟତରେ ଉପୁଜିଥିବା ଏମ୍‌ବିକେ ଓ ସଭାପତି ସମ୍ପାଦକଙ୍କ ମଧ୍ୟରେ ବିବାଦର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାମଣ୍ଡା-ବଟରପଡ଼ା ଆର୍‌ଡି ରାସ୍ତା ମରଣଯନ୍ତା



**ରାଜକନିକା,୨।୩(ସମିସ):** ଭାମଣ୍ଡା-ବଟରପଡା ଆରଡ଼ି ରାସ୍ତା ପାଲଟିଛି ମରଣଯନ୍ତା। ଦୁଇ କୋଟିରୁ ଉଦ୍ଧ୍ୱର୍ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ରାସ୍ତା ଦୁଇବର୍ଷ ଗଲାନି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଅଞ୍ଚଳବାସୀ। ରାଜକନିକାର ସିହୋପଡା ଠାରୁ ହାଟସାହି ଭାୟା ବଟରପଡା ଦେଇ ଦୀର୍ଘ ୬ କିଲୋମିଟର ଏହି ରାସ୍ତା ଉପରେ ଯାତାୟାତ ପାଇଁ ଦୈନନ୍ଦିନ ନିର୍ଭର କରନ୍ତି ହଜାର ହଜାର ଲୋକ। କେନ୍ଦ୍ରାପଡ଼ାରୁ ଯାଜପୁର ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଥିବା ବେଳେ ୨୦୨୧-୨୨ମସିହାରେ ରାସ୍ତା କାମ ପୂର୍ଣ୍ଣାଙ୍ଗ ହୋଇଥିଲା। ଯାହା ୨୦୨୪ମସିହା ପୂର୍ବରୁ ଅର୍ଥାତ ଦୁଇ ବର୍ଷ ନପୂରୁଣୁ ଅନେକ ଜାଗାରେ ଫାଟ ସୃଷ୍ଟି ହେବା ସହିତ ପିଚୁ ଉଠିଗଲାଣି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାହୀ ହେଉଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନିୟମ ମୁତାବକ ପାଞ୍ଚବର୍ଷ ଯାଏ ସମ୍ପୃକ୍ତ ଠିକାଦାର ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ନେବା କଥା। କିନ୍ତୁ ଠିକାଦାରଙ୍କର ମନମୁଖୀ କାର୍ଯ୍ୟ ଯୋଗୁ ହତାଶ ହେଉଛନ୍ତି ଅଞ୍ଚଳର ଲୋକ। ବାରମ୍ବାର ଅଭିଯୋଗ ପରେବି ଠିକାଦାରଙ୍କର ଦେଖା ନମିଳିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ଖବର ମିଳିଛି।

## ବିଜୁ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଡେରାବିଶ,୨।୩(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବେ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ଯୋଗଦେଇଥିଲେ। ବୈଠକରେ ଆସନ୍ତା ୫ ତାରିଖ ଦିନ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଅନ୍ତର୍ଗତ ଚଁପୁର ହାଟ ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କିପରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ୫୧ଟି ପଞ୍ଚାୟତର ବିଜୁପ୍ରେମୀମାନେ ଯୋଗଦେବେ ସେ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକଅନ୍ତର୍ଗତ ସମସ୍ତ ପଞ୍ଚାୟତର ବିଜେଡ଼ି ଦଳର ଛାମୁଆଁ କର୍ମୀମାନେ ଉପସ୍ଥିତ ରହିଥିଲେ।



### କେନ୍ଦ୍ରାପଡ଼ାବାସୀଙ୍କୁ ରେଳସେବା ଯୋଗାଇ ଦେବାକୁ ଦାବି

# ମାର୍ଚ୍ଚ ୫ରେ ରେଳ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

**କେନ୍ଦ୍ରାପଡ଼ା,୨।୩(ସମିସ)**

ଆସନ୍ତା ମାର୍ଚ୍ଚ ୫ ତାରିଖ ଦୈତାରୀ-ପାରାଦ୍ୱୀପ ଜାତୀୟ ରାଜପଥର ୮ ଲେନ୍ ପ୍ରଶସ୍ତିକରଣ ପ୍ରକଳ୍ପର ଶିଳାନ୍ୟାସ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଚଣ୍ଡିଖୋଲ ଗସ୍ତ କରିବେ। କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସ୍ୱାଗତ କରିବା ସହ କେନ୍ଦ୍ରାପଡାବାସୀଙ୍କୁ ରେଳସେବା ଯୋଗାଇ ଦେବାକୁ ଦାବି କରି ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ଶ୍ରୀ ବେହେରା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ସେହିଦିନ ଅର୍ଥାତ୍ ମାର୍ଚ୍ଚ ୫ ତାରିଖରେ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳର ଶୁଭ ଉଦ୍‌ଘାଟନ କରନ୍ତୁ। ସେ କ୍ଷୋଭର ସହ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ଯେ, ବାରମ୍ବାର ଏହି ଦାବି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଯାତ୍ରୀବାହୀ ରେଳ ଚଳାଚଳର ଯଥାର୍ଥତା ପ୍ରତିପାଦନ କରି ଗଣେଶ୍ୱର ବେହେରା ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ ୨୩-୦୯-୨୦୨୦ଠାରୁ ଏହି ରେଳ ପଥରେ ମାଲ୍‌ବାହୀ ରେଳ ଯାତାୟତ କରୁଛି ଏବଂ ଦୈନିକ ହାରାହାରି ୨୫ ର୍‌ୟାକ୍ ପରିମାଣର ମାଲ୍ ପରିବହନ ହେଉଛି। ରେଳ ବିଭାଗ ବାର୍ଷିକ ହାରାହାରି ୨୦ହଜାର କୋଟି ରାଜସ୍ୱ ପାଉଛନ୍ତି। ପରୀକ୍ଷାମୂଳକ ରେଳ ଚଳାଚଳ ଏହି ରେଳ ପଥରେ କରାଯାଇ ସାରିଛି। ହରିଦାସପୁର-ପାରାଦ୍ୱୀପ ରେଳ ନିଗମ ତରଫରୁ ଅନୁମତି ପତ୍ର ମିଳିସାରିଛି। ଏହି ରେଳ ପଥରେ ଥିବା ସମସ୍ତ ୯ଗୋଟି ରେଳ ଷ୍ଟେସନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରେଳୱେ ସେଫ୍ଟି କମିଶନ କଲିକତା ତରଫରୁ ମଧ୍ୟ ପ୍ରମାଣପତ୍ର ମିଳିସାରିଛି। ଏହି ସମସ୍ତ ଆବଶ୍ୟକ ପୂରଣ ହୋଇଥିବା ସତ୍ତ୍ୱେ ଯାତ୍ରୀବାହୀ ରେଳ ଚଳାଚଳର ରେଳ ବିଭାଗର ଉଦାସୀନତା ସମସ୍ତଙ୍କୁ ବିସ୍ମିତ କରୁଛି। ୫ରେ ଆୟୋଜିତ ଚଣ୍ଡିଖୋଲଠାରେ ଦୈତାରୀ ପାରାଦ୍ୱୀପ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟକ୍ରମ ସହ ଯାତ୍ରୀବାହୀ ରେଳ ଚଳାଚଳର ଶୁଭ ଉଦ୍‌ଘାଟନ କରିବାକୁ ଶ୍ରୀ ବେହେରା କଂଗ୍ରେସ ତଥା କେନ୍ଦ୍ରାପଡାବାସୀଙ୍କ ତରଫରୁ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ସମାବେଶ




**ଡେରାବିଶ,୨।୩(ସମିସ):** ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଜି ଜିଲ୍ଲାସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବାଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳି ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଏନ୍‌ଭିପିର ସଂଯୋଜକ ମଧୁସୁଦନ ଦାସ ଓ ସମ୍ମାନିତ ଅତିଥିଭାବେ ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକ ଗୋଲି ତିରୁପତି ରେଡି, ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପଦ୍ମଜା କବି ଶତପଥି, ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର ଓ ଏନ୍‌ଏସ୍‌ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଯୁବଶକ୍ତିକୁ ସାମ୍ପ୍ରତିକ ସମାଜରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧତା ସମ୍ପର୍କରେ ଅବଗତ କରାଇବା ସହ ନେତୃତ୍ୱ ନେବାର ପ୍ରେରଣା ଯୋଗାଇ ଥିଲେ। ଏହା ପରେ ଏକ ମକ୍ ପାର୍ଲିଆମେଣ୍ଟ କରାଯାଇ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗଗୁଡ଼ିକ ଉପରେ ଛାତ୍ରଛାତ୍ରୀମାନେ ଦୁଇଟି ଦଳରେ ବିଭକ୍ତ ହୋଇ ଆଲୋଚନା ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ସଦସ୍ୟା ନମିତା ମହାରଣା, ହରପ୍ରିୟା ଦାସ, ଭବାନୀଶଙ୍କର ହୋତା, ବିଜୟ ମହାରଣା, ଶ୍ରୀଧର ଦାସ, ସ୍ୱେଚ୍ଛାସେବୀ ମୀରା ମୌସୁମୀ, ହିରାମଣୀ, ପ୍ରଭାତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ମତ୍ସ୍ୟଜୀବୀଙ୍କ ଦୁଃଖ ଶୁଣିଲେ ରାଜ୍ୟ ସରକାର

# ଖୁବ୍‌ଶୀଘ୍ର ଖନନ ହେବ ମହାନଦୀ ମୁହାଣ

ପାରାଦ୍ୱୀପ, ୨।୩ (ସମିସ): ମତ୍ସ୍ୟଜୀବୀଙ୍କ ପାଇଁ ମରଣଯନ୍ତା ପାଲଟିଛି ନେହେରୁ ବଙ୍ଗଳା ମୁହାଣ। ବଙ୍ଗୋପସାଗର ଓ ମହାନଦୀର ମିଳନସ୍ଥଳ ମୁହାଣ ମୁହଁରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ହେଉଥିଲା। ଯାହାକୁ ନେଇ ଚିନ୍ତାରେ ଥିଲେ ମତ୍ସ୍ୟଜୀବୀ। ମତ୍ସ୍ୟଜୀବୀଙ୍କ ଦୁଃଖ ଶୁଣିଛନ୍ତି ରାଜ୍ୟ ସରକାର। ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନେହେରୁବଙ୍ଗଳା ମୁହାଣ ଖନନ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ୧୦କୋଟି ଟଙ୍କା ମଞ୍ଜୁରୀ କରାଯିବା ସହିତ ପାରାଦ୍ୱୀପ ବନ୍ଦର ତରଫରୁ ଖନନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ମତ୍ସ୍ୟଜୀବୀ ଓ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ।



ପାରାଦୀପ ମାଛଧରା ବନ୍ଦର ଭାରତ ବର୍ଷରେ ରହିଥିବା ପ୍ରମୁଖ ମାଛଧରା ବନ୍ଦର ମାନଙ୍କ ମଧ୍ୟରେ ଅନ୍ୟତମ। ପାରାଦୀପ ମାଛଧରା ବନ୍ଦର ମଧ୍ୟରୁ ସମୁଦ୍ରରୁ ଧରାଯାଇଥିବା ମାଛର ବିଦେଶରେ ଭଲ ଚାହିଦା ରହିଥାଏ। ଏହି ମାଛଧରା ବନ୍ଦର ମଧ୍ୟରୁ ସମୁଦ୍ରକୁ ମାଛ ଧରିବାକୁ ଯିବାର ପ୍ରମୁଖ ପ୍ରବେଶ ପଥ ନେହେରୁବଙ୍ଗଳା ମୁହାଣ ବିପଦପୂର୍ଣ୍ଣ ଥିଲା। ପ୍ରତ୍ୟେକ ବର୍ଷ ମହାନଦୀରେ ଆସୁଥିବା ବନ୍ୟା କାରଣରୁ ମୁହାଣ ମୁହଁରେ ପଟୁମାଟି ଓ ବାଲି ଜମିରହିବା କାରଣରୁ ମୁହାଣ ମୁହଁ ପୋତି ହୋଇଯିବା ସହିତ ବାରମ୍ବାର ଦୁର୍ଘଟଣା ଘଟିଥାଏ। ସମୁଦ୍ରରେ ଝଡ ସମୟରେ ପ୍ରଖର ସ୍ରୋତ ସୃଷ୍ଟି ହେବା ସହିତ ପୋତିହୋଇଯାଇଥିବା ମୁହାଣ ବାଲିରେ ପିଟିହୋଇ ଅନେକ ସମୟରେ ବୋଟ ହେଉ କିମ୍ବା ଟ୍ରଲର ଦୁର୍ଘଟଣାର ସମ୍ମୁଖୀନ ହୋଇ ବୋଟ କ୍ଷତିଗ୍ରସ୍ତ ହେବା ଏବଂ ମତ୍ସ୍ୟଜବି ନିଖୋଜ ହେବାଭଳି ଘଟଣା ସାମ୍ନାକୁ ଆସେ।

ବିଭିନ୍ନ ସମୟରେ ଏହି ମୁହାଣ ଖନନ ପାଇଁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ତରଫରୁ ଦାବି କରାଯାଉଥିଲେ ମଧ୍ୟ ଏହାର କିଛି ସୁଫଳ ମିଳୁନଥିଲା। ୫୦ ହଜାର ମତ୍ସ୍ୟଜୀବୀ ଏହି ମୁହାଣ ମୁହଁଦେଇ ସମୁଦ୍ର ମଧ୍ୟକୁ ଯିବା ଆସିବା ବେଳେ ଅସୁବିଧା ହେଉଥିଲା। ବିଭିନ୍ନ ସମୟରେ ମୁହାଣ ମୁହଁରେ ଘଟୁଥିବା ଦୁର୍ଘଟଣାକୁ ନେଇ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ତରଫରୁ ଦିଆଯାଇଥିବା ଦାବିକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ତରଫରୁ ୧୦କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁରୀ କରାଯାଇଛି। ପାରାଦୀପ ବନ୍ଦର ତରଫରୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ ଆରମ୍ଭ କରାଯିବା ନେଇ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି ଏଲ ହରାନାଦ ପ୍ରକାଶ କରିଛନ୍ତି।

ତେବେ ଆସନ୍ତା ସିଜିନ ଆରମ୍ଭ ପୂର୍ବରୁ ମୁହାଣ ଖନନ କାର୍ଯ୍ୟ ଶେଷ କରିବାକୁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ଓମ୍ପାର ସଭାପତି ଶ୍ରୀକାନ୍ତ ପରିଡ଼ା। ଯଥାଶୀଘ୍ର ଏହି କାର୍ଯ୍ୟକୁ ପାରାଦ୍ୱୀପ ବନ୍ଦର ତରଫରୁ ଖନନ କରାଗଲେ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ମାନେ ଭୋଗୁଥିବା ଅନେକ କ୍ଷୟକ୍ଷତିକୁ ଏଡାଇ ଦିଆଯାଇପାରିବ ବୋଲି କିଛି ଟ୍ରଲର ମାଲିକ ପ୍ରକାଶ କରିଛନ୍ତି। ନେହେରୁ ବଙ୍ଗଳା ମୁହାଣ ଖନନ କାର୍ଯ୍ୟପାଇଁ ରାଜ୍ୟ ସରକାର ଙ୍କ ଅନୁଦାନ ମିଳିବା ପରେ ପାରାଦ୍ୱୀପ ବନ୍ଦର ତରଫରୁ ଖନନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ସହିତ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରାଯିବାକୁ ପାରାଦୀପ ବନ୍ଦର ତରଫରୁ ପ୍ରୟାସ ଆରମ୍ଭ ହୋଇଛି।ଯାହାକୁ ସ୍ୱାଗତ କରିବା ସହିତ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ମାନେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

# କୁଜଙ୍ଗକୁ ଏନ୍‌ଏସି ଦାବିରେ ୧୨ ଘଣ୍ଟିଆ ବନ୍ଦ

### ସାମିଲ ହେଲେ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ସାଧାରଣ ଜନତା

କୁଜଙ୍ଗ, ୨।୩(ସମିସ): ରାଜ୍ୟ ସରକାର ୩୫ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା ପ୍ରଦାନ କରିଥିବା ବେଳେ କୁଜଙ୍ଗ ପରି ଐତିହ ସମ୍ପନ୍ନ ଅଞ୍ଚଳକୁ ବାଦ ଦେବା ପ୍ରତିବାଦରେ ଶନିବାର ୧୨ ଘଣ୍ଟିଆ କୁଜଙ୍ଗ ବନ୍ଦ ପାଳନ କରାଯାଇଛି। ଗତ ୪ ଦିନ ତଳେ କୁଜଙ୍ଗର ସଚେତନ ନାଗରିକ ମଞ୍ଚ ମୁଖ୍ୟମନ୍ତ୍ରୀ ଓ '୫-ଟି' ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିବା ବେଳେ ଆଜି ଆନ୍ଦୋଳନକୁ ଓହ୍ଲାଇ ପ୍ରତିବାଦ ଜଣାଇଛନ୍ତି। ପୂର୍ବରୁ କୁଜଙ୍ଗକୁ ସବ୍‌ଡିଭିଜନ ଦାବିରେ ଦୁର୍ବାର ଆନ୍ଦୋଳନ ହୋଇଥିବାବେଳେ ବିଚାର ବିଭାଗରେ କୁଜଙ୍ଗ ଜିଲ୍ଲାର ମାନ୍ୟାତା ମିଳିଛି। ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସହ ଏକାଧିକ ଉପଖଣ୍ଡସ୍ତରୀୟ ସରକାରୀ କାର୍ଯ୍ୟାଳୟ କୁଜଙ୍ଗରେ ଅବସ୍ଥିତ। ଆଜି ଏନ୍‌ଏସି ମାନ୍ୟତା ଦାବିରେ ୧୨ ଘଣ୍ଟିଆ କୁଜଙ୍ଗ ବନ୍ଦ ପାଳନରେ କୁଜଙ୍ଗର ବୁଦ୍ଧିଜୀବୀ, ଚାଷୀ, ବ୍ୟବସାୟୀ ସାମିଲି ହୋଇଥିବା ବେଳେ ଶନିବାର ସାପ୍ତାହିକ ହାଟ ବନ୍ଦ ରହିଛି। କୁଜଙ୍ଗ ହାଟ ଥିବାରୁ ଏହି ହାଟକୁ କୁଜଙ୍ଗର ସମସ୍ତ ପଞ୍ଚାୟତବାସୀଙ୍କ ସହ ଏରସମା, ମହାକାଳପଡ଼ା, ମାର୍ଶାଘାଇ, ତିର୍ତ୍ତୋଲ, ପାରାଦ୍ୱୀପ ଓ ପାଟକୁରା ଅଞ୍ଚଳରୁ ବ୍ୟବସାୟୀ ଓ ସାଧାରଣ ଜନତା ଆସିଥାନ୍ତି। କୁଜଙ୍ଗର ପାନ, ଶୁଖୁଆ ହାଟ ସହ ପରିବା ହାଟ ଆଜି ବନ୍ଦ ଯୋଗୁ ଶୁନଶାନ ଥିଲା।

ଆୟୋଜିତ ପ୍ରତିବାଦ ଓ ବିକ୍ଷୋଭରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚର ପ୍ରମୁଖ ତଥା କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଯାବଦ ସଂଘ ନେତା ଏଏନ୍‌ଡି ଯାଦବ, ଆଲୋକ ସ୍ୱାଇଁ, ଦେବେନ୍ଦ୍ର ସାହୁ, ବୃନ୍ଦାବନ ବାରିକ, ବସନ୍ତ ପଲାଇ,



ପ୍ରେସ୍ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ରଞ୍ଜନ ସାହୁ, ପ୍ରିୟମ୍ବଦା ପାଣି, ବିଜେଡି ନେତା କୈଳାସ ଷଡଙ୍ଗୀ, ଶଙ୍କର ଦାସ, ଛତ୍ରନେତା ରାମଦାସ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ଦଳମତରୁ ଊର୍ଦ୍ଧ୍ୱରେ ରହି ଏହି ବନ୍ଦରେ ସାମିଲି ହୋଇଥିଲେ ସାଧାରଣ ଜନତା ଓ ବ୍ୟବସାୟୀ।

## କୃତୀ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୨।୩(ସମିସ): ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତ କଣ୍ଟାପଡ଼ାସ୍ଥିତ ସୁଲୋଚନା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା କୁମାରୀ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ନିମ୍ନ ମାଧମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝୁଲରାମ ଦାସ, ମୁଖ୍ୟବକ୍ତା ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସମ୍ମାନିତ ଅତିଥି ବିଦାୟୀ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗୁରୁ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ନମିତା ରାଉଳ, ସାରଦା ପ୍ରସାଦ ଚଇନି, ଧୀରେନ୍ଦ୍ର ନାଥ ବିଶ୍ୱାଳ, ହାଡିବନ୍ଧୁ ସ୍ୱାଇଁ, ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ସିଆରସିସି ଅକ୍ଷୟ କୁମାର ନାୟକ, ଦୀପକ ବିଶ୍ୱାଳ, ପରିଚାଳନା କମିଟି ସଭାପତି ଆର୍ଶିବାଦ ଦାସଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣାବଳୀର ଉଚ୍ଚ ପ୍ରଂଶସା ସହ ଅବସରକାଳୀନ ଜୀବନ ନିରୋଗ ଓ ସୁଖପ୍ରଦ ପାଇଁ କାମନା କରିଥିଲେ। ଶେଷରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

● ପାଇକସ୍ତାରେ ପିସିସି କପ୍

## ଜଗନ୍ନାଥପୁର ଚାମ୍ପିଅନ୍



କୁଜଙ୍ଗ, ୨।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ପାଇକସ୍ତା କ୍ରିକେଟ ପଡ଼ିଆରେ ପିସିସି କପ୍ ପାଇକସ୍ତା-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜପା କ୍ରିକେଟ ଟିମ୍ ଓ ଜଗନ୍ନାଥପୁର କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଜଗନ୍ନାଥପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରେ ୧୦୪ ରନ୍ କରିଥିଲା। ଜବାବରେ ଜପା ୮ ଓଭରରେ ୭୫ ରନ୍ କରି ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ଜଗନ୍ନାଥପୁରର ସତ୍ୟରଞ୍ଜନ ନାୟକ ମ୍ୟାନ୍ ଅଫ୍ ଦି ସିରିଜ୍ ଟାଇଟଲ ହାତେଇଥିଲେ। ପିସିସି ପାଇକସ୍ତା କ୍ଲବର ଏହି ଉଦ୍‌ଯାପନ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷା ନିନାରାଣି ସାହୁ ଯୋଗଦେଇ ଅଗପାଳ ପଞ୍ଚାୟତର ଏହି ଗ୍ରାମର ବିକାଶ ପାଇଁ ଯୁବବର୍ଗ କରୁଥିବା ଉଦ୍ୟମକୁ ପ୍ରଶଂସା ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ପୋତାନଇ ସମିତି ସଭ୍ୟ ସତ୍ୟବାନ ମୁଦୁଲି ପ୍ରମୁଖଙ୍କ ସହ କ୍ଲବର ଉପଦେଷ୍ଟା ତଥା କ୍ରୀଡା ଭାଷ୍ୟକାର ଚିତ୍ତରଞ୍ଜନ ଲେଙ୍କା, ରଞ୍ଜନ ସୂତାର, ଭାଗ୍ୟଧର ଖୁଣ୍ଟିଆ, ସରୋଜ ସାହାଣୀ, ତ୍ରିନାଥ ପରିଡ଼ା, ଦୀପକ ଦାସ, ପ୍ରଦୀପ୍ତ ଲେଙ୍କା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଭୟାବହ ଅଗ୍ନିକାଣ୍ଡ; ଜଳିଗଲା ୮ ବଖରା



ବାଲିକୁଦା, ୨।୩(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ଗରାମ ପଞ୍ଚାୟତ ଫକୀରପଡ଼ା ଗାଁରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୭ଟି ପରିବାରଙ୍କ ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କାଙ୍ଗାଳି ରାଉତଙ୍କ ପରିବାର ରୋଷେଇ କରୁଥିବାବେଳେ ଚୁଲିରୁ ହଠାତ୍ ନିଆଁ ଉଠି ଚାଳରେ ଲାଗିଯାଇଥିଲା। ଅଧିକ ମାତ୍ରାରେ ପବନ ବହୁଥିବାରୁ ଆଖି ପିଛୁଳାକେ ନିଆଁ ବ୍ୟାପି ପାଖ ପଡ଼ିଶା ଘରକୁ ମାଡିଯାଇଥିଲା। ଫଳରେ କାଙ୍ଗାଳୀଙ୍କ ଘର ସହ ବିମ୍ବାଧର ରାଉତ, ବଂଶୀଧର ରାଉତ, ସୁଦର୍ଶନ ରାଉତ, ନାରାୟଣ ରାଉତ, ବୃନ୍ଦାବନ ରାଉତ, ବସନ୍ତ କୁମାର ରାଉତଙ୍କ ଘର ଚାହୁଁ ଚାହୁଁ ଜଳି ଯାଇଥିଲା। ଅଗ୍ନିକାଣ୍ଡରେ ଧାନ ଚାଉଳ, ଲୁଗା ପଟା ଏବଂ ଘର କରଣା ଜିନିଷ ପୋଡି ପାଉଁଶ ହୋଇଯାଇଛି। ଗାଁ ଲୋକେ ନିଆଁକୁ ଆୟତ୍ତ ନକରି ପାରିବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଶିବରାମ ଶାନ୍ତି ଓ ତାଙ୍କ ଟିମ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୪ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ୬ଲକ୍ଷ ଟଙ୍କାର ସମ୍ପତି ଉଦ୍ଧାର କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇ ବାଲିକୁଦା ୧ନଂ. ଯୋନ ଜିଲ୍ଲାପରିଷଦ ସଭ୍ୟା ଡ଼ଲି ପଣ୍ଡା ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସରକାରୀ ସହାୟତ ପାଇବା ନେଇ ପ୍ରଶାସନ ପାଖରେ ଗୁହାରି କରିବେ ବୋଲି କହିଛନ୍ତି।

# ସରିଲା କେନାଲ ଗାର୍ଡୱାଲ୍; ନିରାପଦ ହେଲା ଯାତାୟାତ



ରଘୁନାଥପୁର, ୨।୩(ସମିସ): କେନାଲ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ସରିବା ପରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି ଗ୍ରାମବାସୀ। ରଘୁନାଥପୁର ବ୍ଲକ ଅର୍ନ୍ତଗତ ଗୋକୁଳପୁର ସାରଦା ଉଚ୍ଚ ବିଦ୍ୟାଳୟ ନିକଟ ତାଳଦଣ୍ଡା ମୁଖ୍ୟ କେନାଲରୁ ଏକ ଶାଖା କେନାଲ ବାହାରି ବିଦ୍ୟାଳୟ ପାର୍ଶ୍ୱଦେଇ

**■ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାଧୁବାଦ ଜଣାଇଲେ ଗ୍ରାମବାସୀ**

କଟକ-ପାରାଦ୍ୱୀପ ରାସ୍ତାର ଅପରପାର୍ଶ୍ୱରେ ୧୦ ନମ୍ବର କେନାଲ ସହିତ ସଂଯୋଗ ହୋଇଛି। ତେବେ କଟକ-ପାରାଦ୍ୱୀପ ରାସ୍ତାରୁ ଏହି କେନାଲ ବନ୍ଧ ରାସ୍ତାଟି ମୁଖ୍ୟରାସ୍ତା ଅଟେ। ଏହି କେନାଲ ବନ୍ଧ ରାସ୍ତାଦେଇ ଗୋକୁଳପୁର, ହରିଶପୁର ଓ ଖଣ୍ଡତରି ଗ୍ରାମର ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଆନ୍ତି। ନିର୍ବାଚନ ସମୟରେ ଏହି ବିଦ୍ୟାଳୟରେ ବୁଥ୍ ହେଉଥିବାରୁ ବ୍ଲକ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ମଧ୍ୟ ଏପଟେ ଯାଆନ୍ତି। ହେଲେ ଏହି ରାସ୍ତାଟି ଅଣଓସାରିଆ ହୋଇଥିବାରୁ ଡଳେଇ ଗୁଡିକ ଖଣ୍ଡଖଣ୍ଡ ହୋଇ କେନାଲ ମଧ୍ୟକୁ ଭୁଶୁଡି ପଡୁଛି। ଫଳରେ ଗ୍ରାମବାସୀ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଭୟରେ ଯାତାୟତ କରିଥାନ୍ତି। ଏନେଇ ଗ୍ରାମର ଯୁବକମାନେ ଜଳସମ୍ପଦ ବିଭାଗ ମହାନଦୀ ଦକ୍ଷିଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଯନ୍ତ୍ରୀ ୮ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡୱାଲ ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ଅନୁମୋଦନ କରିଥିଲେ। ଟେଣ୍ଡରଧାରୀ ଟେଣ୍ଡର ପାଇଲା ପରେ କାର୍ଯ୍ୟ ଠିକଣା ଭାବେ କରିବାକୁ ଯନ୍ତ୍ରୀ ଶ୍ରୀ ମହାନ୍ତି କିଶୋରନଗର ସହକାରୀ ଯନ୍ତ୍ରୀ ନବକିଶୋର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗାର୍ଡୱାଲ୍ ସରିବା ପରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଜଗତସିଂହପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ସମାଜସେବୀ ପ୍ରଭାକର ମଲ୍ଲିକ, ସାମ୍ବାଦିକ ସୁବାସ ସିଂହ, ଗ୍ରାମ ମୁରବୀ ଗୋବର୍ଦ୍ଧନ ସିଂହ, ଅଭିମନ୍ୟୁ ସିଂ, ମନୋଜ ଦାସ, ରଘୁନାଥ ମହାରଣା, ବିଜୟ ଦାସ, ପୁଷ୍ପକ ସାହୁ, ଗଣପତି ଜେନା ସମେତ ଶତାଧିକ ଏସଏଚଜି ମହିଳା ଓ ଗ୍ରାମବାସୀ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କୁ ସାଧୁବାଦ ଜଣାଇଛନ୍ତି।

# ପାରାଦୀପ ବନ୍ଦରରେ ନୂତନ ଡକ୍‌ବୋଟ; ଭ୍ରାମ୍ୟମାଣ ଆମ୍ବୁଲାନ୍ସର ଶୁଭାରମ୍ଭ

ପାରାଦୀପ, ୨।୩(ସମିସ): ପାରାଦୀପ ବନ୍ଦର ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଥିବା ଏକ ଆମ୍ବୁଲାନ୍ସ ଓ ଆତ୍ମନିର୍ଭର ଭାରତ ଯୋଜନାରେ ଏକ ନୂତନ ଡକ୍ ବୋଟ୍‌ର ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସଦାନନ୍ଦ ସୋନୱାଲ ଏହାକୁ ଆଭାସୀ ଯୋଗେ ଉଦ୍‌ଘାଟନ କରିଛନ୍ତି। ଉଦଘାଟିତ ହୋଇଥିବା ଏହି ଆମ୍ବୁଲାନ୍ସରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ପ୍ରତି ମାସରେ ଏହି ଆମ୍ବୁଲାନ୍ସ ୨୦ଟି ଗ୍ରାମରେ ବୁଲିବା ସହିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ। ଏଥିରେ କାର୍ଡିଆକ, ଡାଇଗ୍ନୋଷ୍ଟିକ, ଇସିଜି, ମ୍ୟାଟରନାଲ ପ୍ରଭୃତି ଚିକିତ୍ସାର ସୁବିଧା ରହିଛି। ଏଥିରେ ଜଣେ ଡାକ୍ତର, ଜଣେ ନର୍ସ, ଜଣେ ଫାର୍ମାସିଷ୍ଟ ରହିବା ସହିତ ରୋଗୀମାନଙ୍କର ସମସ୍ତ ପରୀକ୍ଷା ଓ ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯିବ। ସେହିପରି ୬୪ ଟନ କ୍ଷମତା ବିଶିଷ୍ଟ ଡକ ବୋଟ୍‌ଟି ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ତିଆରି ହୋଇଛି। ଯାହା ବଡ ବଡ କେପ୍ ସାଇଜ ଭେସେଲକୁ ଟାଣିବାରେ ସକ୍ଷମ ହେବ ବୋଲି ବନ୍ଦର ଅଧ୍ୟକ୍ଷ ପି. ଏଲ୍. ହରାନାଦ ପ୍ରକାଶ କରିଛନ୍ତି। ଆଗାମୀ ଦୁଇବର୍ଷ ମଧ୍ୟରେ ପାରାଦ୍?ୀପ ରେ ୱେଷ୍ଟର୍ଣ୍ଣ ଡକ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ, ଏଥିରେ ଆସିବାକୁ ଥିବା ବଡ ବଡ ଭେସେଲ (ଜାହାଜ) କୁ ପରିଚାଳନାରେ ସୁବିଧା ହେବ ବୋଲି ବନ୍ଦର ଅଧ୍ୟକ୍ଷ କହିଛନ୍ତି।







# ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଢେଙ୍କାନାଳ, ୨।୩ (ସମିସ)

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଁଦିଆ ବ୍ଲକର ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ ଓ ଉଦ୍ଘାଟନ କାର୍ଯ୍ୟକ୍ରମ ଢେଙ୍କାନାଳ ସାଂସଦ ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲଙ୍କ ଦ୍ୱାରା ସମାପନ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ୍ ୨୦ କୋଟି ୯୪ଲକ୍ଷ ୯୭ ହଜାର ବ୍ୟୟ ଅଟକଳରେ ଏସବୁ ନିର୍ମିତ ହେବ। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ଟି ରାସ୍ତା ଯଥା- ବେଗା ଠାରୁ ଲେଥକା ୧ କୋଟି ୭୨ଲକ୍ଷ ୨୮ ହଜାର, ବେଲମାଳିଆ ଠାରୁ କରଡ଼ାବଣି ରାସ୍ତା ୪କୋଟି ୪୭ଲକ୍ଷ ୫୭ ହଜାର, ପିଙ୍ଗୁଆ ଠାରୁ ଦଶମାଣପାଟଣା ରାସ୍ତା ୪ କୋଟି ୪ଲକ୍ଷ ୮୮ହଜାର ଓ ନେଉଳପୋଇ ଠାରୁ ଦେଓଗାଁ ପର୍ଯ୍ୟନ୍ତ ୪ କୋଟି ୩୨ ଲକ୍ଷ ୮ ହଜାର ଟଙ୍କା ଏବଂ ପବ୍ଲିକ୍ ହେଲ୍ଥ ସେଣ୍ଟର ଅନ୍ତର୍ଗତ ୭ ଗୋଟି ଦୈନିକ ସେବା କେନ୍ଦ୍ର ଯଥା ସୋରିଷିଆପଦା ୩୮ଲକ୍ଷ ୬୧ ହଜାର, ମଠତେନ୍ତୁଳିଆ ୩୮ଲକ୍ଷ ୫୮ ହଜାର, କାଲୁରିଆ ୩୮ଲକ୍ଷ ୮୧ ହଜାର, ମନ୍ଦାର ୩୮ଲକ୍ଷ ୯୭ ହଜାର, ବେଗା ୩୮ଲକ୍ଷ ୬୧ ହଜାର, ରାଇତଳା ୩୮ଲକ୍ଷ ୫୮ ହଜାର ଓ ପିଙ୍ଗୁଆ ଠାରେ ୧ କୋଟି ୯୬ ହଜାର ଟଙ୍କା ବ୍ୟୟ ବରାଦରେ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହା ବ୍ୟତୀତ ସେହି ବ୍ଲକର ପୁରୁଣାଅମାଙ୍ଗ ଠାରୁ ଭାଲିଆପାଳ ରାସ୍ତାରେ ଏକ ପୋଲ ନିର୍ମାଣ ପାଇଁ ୨ କୋଟି ୭୮ଲକ୍ଷ ୨୯ ହଜାର ଟଙ୍କା ଏବଂ କାଲୁରିଆ ଠାରେ ଜି.ଏଚ୍.ଡି. ବିଲ୍ଡିଂ ନିର୍ମାଣ ପାଇଁ ୨୬ଲକ୍ଷ ୭୬ ହଜାର ବ୍ୟୟରେ ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଥିଲା। ଉଭୟ ସାଂସଦ ଓ ବିଧାୟକଙ୍କ ଏହି ଏକଦିବସୀୟ ମାରାଥନ ଦୌଡ଼ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଢେଙ୍କାନାଳ ଗଁଦିଆ ଡିଭିଜନର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ଛାତ୍ରୀ ମୃତ୍ୟୁ ଘଟଣାରେ ବିଧାୟକଙ୍କ ସହାୟତା



**ଢେଙ୍କାନାଳ, ୨।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକ ଙ୍କକଡ଼ାହାଡ଼ ଗ୍ରାମପଞ୍ଚାୟତର ମଜୁରୀ ଛକ ନିରେ ରହୁଥିବା ଜଳନ୍ଧର ସାହୁଙ୍କ ଝିଅ ଜସ୍ମିନର ମୃତ୍ୟୁ ଖବର ପାଇ ବିଧାୟକ ସୁଧୀର କୁମାର ସାମଲ ତାଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ଜଡ଼ିତ ସମ୍ପୃକ୍ତ ଅପରାଧିଙ୍କୁ ଖୁବ୍ ଶୀଘ୍ର ଦଣ୍ଡ ବିଧାନ କରିବାଲାଗି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନେବ ଏବଂ ପରିବାରବର୍ଗଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ପାଇଁ ଦାବି କରିଛନ୍ତି।

## ଘରଡ଼ିହ ପଟ୍ଟା ଦାବିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ

**କାମାକ୍ଷାନଗର, ୨।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଏନଏସି ୱାର୍ଡ ନମ୍ବର ୬ ର ବାସିନ୍ଦାମାନେ ସ୍ଥାୟୀ ଘରଡ଼ିହ ପଟ୍ଟା ଦାବିରେ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିବାର ଜଣାପଡ଼ିଛି। ଏହି ଘେରଉ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ହିତାଧିକାରୀ ଏକାଠି ହୋଇ ଗୁଣ୍ଡିକିଆ ପଟ୍ଟା ଦାବିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ବସ୍ତିରେ ବାସିନ୍ଦାମାନେ ପ୍ରାୟ ତିନି ପୁରୁଷଧରି ସ୍ଥାୟୀ ଗୃହ ନିର୍ମାଣ କରି ବସବାସ କରୁଥିଲେ ହେଁ ବାରମ୍ବାର ଦାବି ସତ୍ତ୍ୱେ ଅଦ୍ୟାବଧି ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ପଟ୍ଟା ଦାବିରେ ସମସ୍ତେ ଏକାଠି ହୋଇ ପ୍ରତିବାଦ କରିଥଲେ ଓ ଉପଜିଲ୍ଲାପାଳଙ୍କୁ ଦାବି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଏନଏସି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ବୈଠକ

**କାମାକ୍ଷାନଗର, ୨।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଠାରେ ଶିଶୁ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏଠାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଶେଷରଞ୍ଜନ ଦାସ, ସିଡିପିଓ ସୈରେନ୍ଦ୍ରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ



କାମାକ୍ଷାନଗର, ୨।୩ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବଡ଼ବନ୍ଧ ଝରା ସାହିରେ ଗତ ୨୩ ତାରିଖରେ ଗାଁର ସୁରେନ୍ଦ୍ର ସାମଲଙ୍କ ଘର ଜଳି ଯାଇଥିଲା। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରକୁ କାମାକ୍ଷାନଗର ବିରଜା କୋଚିଂ ସେଣ୍ଟର ତରଫରୁ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ପରିବାରକୁ ଖାଦ୍ୟ ସାମଗ୍ରୀ ସହିତ ଲୁଗାପଟା ଦେଇଥିଲେ। ଏହି ସମୟରେ ସୁମିତ୍ରା ନାୟକ, ବିନୋଦ କୁମାର ସାହୁ, ପ୍ରସନ୍ନ କୁମାର ନାୟକ, ଭବାନୀ ଦାସ, ଗନ୍ଧର୍ବ କାଣ୍ଡି, ଆଇନଜୀବୀ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନାଳରେ ବୁଡ଼ି ବୃଦ୍ଧ ମୃତ

**ଭୁବନ, ୨।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅନ୍ତର୍ଗତ ବାଉଁଶକଣ ଗ୍ରାମ ନିକଟ ପାଣ୍ଡରା ନାଳରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଭୁବନ ଥାନା ଅନ୍ତର୍ଗତ କୁମର୍ଦା ଗ୍ରାମର କାଳନ୍ଦୀ ଦେହୁରୀ ଗତକାଲି ଠାରୁ କାମକୁ ଆସି ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନଥିଲେ। ଶନିବାର ସକାଳୁ ବାଉଁଶକଣ ଗ୍ରାମର କିଛି ଯୁବକ କାଳନ୍ଦୀଙ୍କ ମୃତଦେହ ନାଳରେ ଭାସୁଥିବାର ଦେଖି ଅଗ୍ନିଶମ ବାହିନୀକୁ ଖବର କରିଥିଲେ। ଭୁବନ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି କାଳନ୍ଦୀଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ପୁଲିସକୁ ଖବର କରିଥିଲେ। ଖବର ପାଇ ଭୁବନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଭୁବନ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

## ଏସ୍‌ବିଆଇ ପକ୍ଷରୁ ହିତାଧିକାରୀଙ୍କୁ ଋଣ ପ୍ରଦାନ



**ଢେଙ୍କାନାଳ, ୨।୩ (ସମିସ) :** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ଏବଂ ବଜାର ଶାଖାକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ଯଥା- ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ମୁଦ୍ରା ଯୋଜନା, ପିଏମ୍‌ଇଜିପି ତଥା ଗୃହ, ପେନସନ୍ ଓ ବ୍ୟକ୍ତିଗତ ଋଣ ହୀତାଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମୋଟ୍ ୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପୃଥ୍ୱୀଙ୍କ ସହ ମହାପ୍ରବନ୍ଧକ ଏମ୍. ପୋନ୍ନାମ୍ବାଲାମ, ଉପ-ମହାପ୍ରବନ୍ଧକ ଶୈଳେଶ ସିନ୍ହା, ଆଞ୍ଚଳିକ ପ୍ରବନ୍ଧକ ଅରୁଣ ପାଣିଗ୍ରାହୀ ପ୍ରମୁଖ ବ୍ୟାଙ୍କଗୁଡିକୁ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଢେଙ୍କାନାଳ ମୁଖ୍ୟ ଶାଖାର ପ୍ରବନ୍ଧକ ମୀନକେତନ ବରାଲେବାଡ଼ିଆ, ଢେଙ୍କାନାଳ ବଜାର ଶାଖାର ପ୍ରବନ୍ଧକ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ



**ଗଁଦିଆ, ୨।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବ୍ଲକ ପରିସରରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଲାଗି ସହାୟକ ଉପକରଣ ବିତରଣ ଶିବିର ଅନୁଷ୍ଠିତ ହୋଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦାନ କରି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଢେଙ୍କାନାଳର ବିଧାୟକ ସୁଧୀର କୁମାର ସାମଲ, ଢେ଼ଙ୍କାନାଳ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକର ଅଧକ୍ଷା ରୀନାରାଣୀ ଖଟୁଆ, ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଶିବିରରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରାକାର ରାଉତ, ଡିଜିଏମ ଆଇ ଓ ସିଏଲ ପି. କେ ପଣ୍ଡା, ଭୁବନେଶ୍ୱର, ଏଏଲଆଇଏମ ମୁଖ୍ୟ ସ୍ମୃତିରଞ୍ଜନ ମଲ୍ଲିକ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଢେଙ୍କାନାଳ ସଦର ଖଗେଶ୍ୱର ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି, ଶୁଭାଶିଷ ମହାପାତ୍ର, ଜିଲ୍ଲା ଯୋଜନା ସହାୟକ ଦିବ୍ୟ ମହାନ୍ତି ଉପସ୍ଥିତ ରହିବା ସହ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ଉପକାରଣ ବଣ୍ଟନ କରିଥିଲେ। ଏହି ଶିବିରରେ ମୋଟ ୭୫ଜଣ ଦିବ୍ୟଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ବ୍ୟାଟେରିଚାଳିତ ହୁଇଲ ସାଇକଲ ଓ ଅନ୍ୟାନ ଆବଶ୍ୟକ ବିଭିନ୍ନ ସହାୟକ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ବ୍ଲକରେ ଏହି ଉପକରଣ ବାଣ୍ଟନ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ।

## ମାଟ୍ରିକ ପରୀକ୍ଷା: ବିଜ୍ଞାନରେ ୩୫୨ ଜଣ ଅନୁପସ୍ଥିତ

ଢେଙ୍କାନାଳ, ୨।୩ (ସମିସ) : ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ୯୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ମୋଟ ୧୬ ହଜାର ୭୮୦ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଶନିବାର ଅନୁଷ୍ଠିତ ବିଜ୍ଞାନ ପରୀକ୍ଷାରେ ୩୫୨ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବାର ଜଣାପଡ଼ିଛି। ଚଳିତ ବର୍ଷ ଜିଲ୍ଲାର ୯୭ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୭୨୮ଜଣ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ ହଜାର ୭୨୮ ଜଣ ରେଗୁଲାର ଏବଂ ୩୪ ଜଣ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି। ଶନିବାର ବିଜ୍ଞାନ ପରୀକ୍ଷା ରହିଥିଲା। ଏହି ପରୀକ୍ଷାରେ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୪ଜଣ ଅନୁପସ୍ଥିତ ରହିଥିବା ବେଳେ ମଧ୍ୟମାରେ ୮ଜଣ, ଏସଓଏସସି ପରୀକ୍ଷାରେ ୩୦ଜଣ ଅନୁପସ୍ଥିତ ରହିଛନ୍ତି। ଫଳରେ ୧୬ ହଜାର ୪୧୪ ଜଣ ରେଗୁଲାର ଏବଂ ୩ଜଣ ମଧ୍ୟମା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଜିଲ୍ଲାରେ ଥିବା ୧୪ଟି ସ୍କ୍ୱାର୍ଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବାର ଜଣାପଡ଼ିଛି।

## ଛାତ୍ରୀ ମୃତ୍ୟୁ ଘଟଣା: ପରିବାରକୁ ଭେଟିଲା ବିଜେପି ମହିଳା ଟିମ୍

**ଢେଙ୍କାନାଳ, ୨।୩ (ସମିସ) :** ସଦର ଥାନା ଅନ୍ତର୍ଗତ ମଜୁରୀ ଗ୍ରାମର ଯୁକ୍ତ ଦୁଇ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ବିଜେପି ମହିଳା ଟିମର ସଦସ୍ୟମାନେ ଶୋକସନ୍ତପ୍ତ ପରିବାରକୁ ଭେଟିବା ସହିତ ସମବେଦନା ଜଣାଇଛନ୍ତି। ମୃତ ନାବାଳିକାଙ୍କ ପରିବାର ଲୋକଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ପରେ ସଦସ୍ୟମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲା ବିଜେପି ସଭାପତି ନରେଶ ମହାପାତ୍ର ପ୍ରମୁଖ ନେତୃବୃନ୍ଦ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

ଛାତ୍ରୀ ମୃତ୍ୟୁ ଘଟଣା

## ହତ୍ୟାକାରୀକୁ ଗିରଫ ଏବଂ କ୍ଷତିପୂରଣ ଦାବିକଲା କଂଗ୍ରେସ

**ଢେଙ୍କାନାଳ, ୨।୩ (ସମିସ) :** ସଦର ଥାନା ଅନ୍ତର୍ଗତ ମଜୁରୀ ଗ୍ରାମର ଯୁକ୍ତ ଦୁଇ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ତରଫରୁ ପରିବାର ବର୍ଗକୁ କ୍ଷତିପୂରଣ ପ୍ରଦାନ ସହିତ ହତ୍ୟାକାରୀକୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ନାବାଳିକା ଜସ୍ମିନ ସାହୁଙ୍କୁ ହତ୍ୟା ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ସଭାପତି ସୁନିଲ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଶୋକସନ୍ତପ୍ତ ପରିବାକୁ ଭେଟିବା ସହିତ ସମବେଦନା ଜଣାଇଥିଲେ। ଏହା ସହିତ ଏସପିଙ୍କୁ ଭେଟି ଏକ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ଛାତ୍ରୀମୃତ୍ୟୁର କାରଣ ସମ୍ପର୍କରେ ଫରେନସିକ ଯାଞ୍ଚ, ଦୋଷୀମାନଙ୍କୁ ଗିରଫ, ମୃତ ପରିବାର ବର୍ଗକୁ ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ, ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇବା ସହିତ ଘରୋଇ କୋଚିଂ ସେଣ୍ଟରରେ ଛାତ୍ରୀମାନଙ୍କ ଯିବା ଆସିବାକୁ ନେଇ ରେଜିଷ୍ଟର ରଖିବାକୁ ପ୍ରଶାସନିକ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଏହି ଟିମରେ ଜିଲ୍ଲା ସଭାପତିଙ୍କ ସହିତ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଗଣମାଧ୍ୟମ ଅଧ୍ୟକ୍ଷ ଡାକ୍ତର ତୁଷାରକାନ୍ତି ନାୟକ, ପ୍ରିଣ୍ଟ୍ ମିଡିଆ ପ୍ରଭାରୀ ରୁଦ୍ରପ୍ରକାଶ ଶରଣ, ବରିଷ୍ଠ ନେତା ଅଜିତନନ୍ଦ ବିହାରୀ, ବାସନ୍ତି ସ୍ୱାଇଁ, ରୁମେନା ବେଗମ୍, ସ୍ୱପ୍ନାରାଣୀ ଜେନ୍ନ୍, ସମାଜସେବୀ ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ସମବାୟ ସମିତି କର୍ମଚାରୀଙ୍କ ଆନ୍ଦୋଳନ

କାମାକ୍ଷାନଗର, ୨।୩ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସେବା ସମବାୟ ସମିତି କର୍ମଚାରୀଙ୍କ ତରଫରୁ ୩ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବା ସହ ସହକାରୀ ନିବନ୍ଧକ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କର୍ମଚାରୀଙ୍କୁ କ୍ୟାଡର ଭୂକ୍ତ କରି ବଦଳି କରିବା, ଷଷ୍ଠ ବେତନ ହାରରେ କର୍ମଚାରୀ ପାଉଥିବା ଡିଏକୁ ୧୬୪ ପ୍ରତିଶତରୁ ବୃଦ୍ଧି କରାଯାଇ ୨୩୦ ପ୍ରତିଶତ କରିବା ଓ ଷଷ୍ଠ ବେତନ ହାରରେ ସପ୍ତମ ବେତନ କମିଶନକୁ ସମସ୍ତ କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଦାବି ନେଇ ଏହି ଆନ୍ଦୋଳନ କରାଯାଉଛି। ଏଭଳି ଆନ୍ଦୋଳନ ଫଳରେ ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଯୋଜନାରେ ସମସ୍ୟା ଦେଖାଦେବା ସହ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବାର ଦେଖାଦେଇଛି। ପୂର୍ବରୁ ମଧ୍ୟ ଏହି ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରି ନାହିଁ। ଏହି ଆନ୍ଦୋଳନରେ ଢେଙ୍କାନାଳ ଜିଲ୍ଲା ସମବାୟ ସମିତି କର୍ମଚାରୀ ସଂଘର ଉପଦେଷ୍ଟା ମନୋଜ କୁମାର ମିଶ୍ର, ସଭାପତି ରାଧାମୋହନ ସାମଲ, କୋଷାଧ୍ୟକ୍ଷ ରାଜନ୍ କୁମାର ସାହୁ, କାମାକ୍ଷାନଗର ସର୍କଲର ସଂଗଠକ ଅଶୋକ କୁମାର ପରିଡ଼ା, ବିଜୟ କୁମାର ସାହୁ, ପ୍ରଦ୍ୟୁମ୍ନ ବିଶ୍ୱାଳ, ଉତ୍ତମବାଳା କବି ଏବଂ ସଭ୍ୟ ସଭ୍ୟା ସାଗରକାନ୍ତ ରାଉତ, ଶୁଭଶ୍ରୀ ରାଉତ, ଶୁଭସ୍ମିତା ସାମଲ ଓ ଅର୍ଜୁନ ବେହେରା ପ୍ରମୁଖ ସାମିଲ ଥିଲେ।

## ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ

## ଦଲିଲ ଲେଖକ ସଙ୍ଘ, ଓକିଲ ସଙ୍ଘର ତାଲାବନ୍ଦ ଧାରଣା




କାମାକ୍ଷାନଗର, ୨।୩ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରରେ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ଓ ଅନ୍ୟାନ୍ୟ ଦାବି ନେଇ ଦଲିଲ ଲେଖକ ସଂଘ ଓ ଓକିଲ ସଂଘର ଶାନ୍ତିପୂର୍ଣ୍ଣ ଭାବରେ ତାଲାବନ୍ଦ ଆନ୍ଦୋଳନ ହୋଇଯାଇଛି। କାମାକ୍ଷାନଗର ସବରେଜିଷ୍ଟ୍ରି କାର୍ଯ୍ୟାଳୟରେ ଚଳିତବର୍ଷ ଜାନୁୟାରୀ ମାସଠାରୁ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ବନ୍ଦ ରହିଛି ଓ କର୍ମଚାରୀମାନେ ପ୍ରତ୍ୟକ କାର୍ଯ୍ୟରେ ଉତ୍କୋଚ ମାଗିବା ସହ ମନମୁଖୀ କାର୍ଯ୍ୟକରୁଛନ୍ତି। ଏହାର ପ୍ରତିବଦରେ କାମାକ୍ଷାନଗର ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ ଗତ ମାସ ୨୨ ରିଖ ଠାରୁ କାର୍ଯ୍ୟବନ୍ଦ ଧାରଣା ଆରମ୍ଭ କରିଥିଲେ। ଅଦ୍ୟାବଧି ଦାବି ପୂରଣ ନ ହେବାରୁ ଶନିବାରଠାରୁ ସଂଘ ସହ କାମାକ୍ଷାନଗର ଓକିଲ ସଂଘ ସାମିଲ ହୋଇ ସବ୍ ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ତାଲା ବନ୍ଦ କରି ଦାବିପୂରଣ ନହେବା ଯାଏ ଧାରଣା ଜାରିରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କାମାକ୍ଷାନଗର ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ ପ୍ରତିବାଦ କରି ତାଲାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘର ସଭାପତି ରବିନାରାୟଣ ସାମଲଙ୍କ ନେତୃତ୍ୱରେ ଉପସଭାପତି ଅଖିଳ କୁମାର ମହାପାତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ରମାକାନ୍ତ ତ୍ରିପାଠୀ, ଆଇନ ପରାମର୍ଶଦାତା ଦୋଳଗୋବିନ୍ଦ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାସ, ଅଜୟ ପଟ୍ଟନାୟକ, ଅକ୍ଷୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିସହ ଓକିଲ ସଂଘର ସଭାପତି ଧର୍ମାନନ୍ଦ ପରିଡ଼ା, ସୂର୍ଯ୍ୟନାରାୟଣ ସାହୁ, ବରିଷ୍ଠ ଆଇନଜିବୀ ଶେଷ ରଞ୍ଜନ ଦାସ, ଦୋଳଗୋବିନ୍ଦ ବେହେରାଙ୍କ ସମେତ ସଭ୍ୟମାନେ ଯୋଗଦେଇଥିଲେ।

# ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ୍ ଦାବିରେ ସ୍ମାରକପତ୍ର

ଢେଙ୍କାନାଳ, ୨।୩ (ସମିସ)




ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସାମ୍ବାଦିକ, ଯେଉଁମାନେ କି ଅନ୍ୟୁନ ୨୦ବର୍ଷ ସକ୍ରିୟ ସାମ୍ବାଦିକତା କରିଥିବେ ସେମାନଙ୍କୁ ତୁରନ୍ତ ମାସିକ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଉ। କର୍ତ୍ତବ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଧେୟକ ଅଣାଯାଉ। ଏହି ଦୁଇଟି ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରି 'ଢେଙ୍କାନାଳ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘ' ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରତନ ନାୟାର, ବରିଷ୍ଠ ସଭ୍ୟ ଇମ୍ତିଆଜ୍ ହୁସେନ୍, ସନ୍ତୋଷ ଶତପଥୀ ଓ ଗଙ୍ଗାଧର ରାଉତ ପ୍ରମୁଖଙ୍କ ସ୍ୱାକ୍ଷର ଓ ଉପସ୍ଥିତିରେ ଏହି ସ୍ମାରକପତ୍ର ଦିଆଯାଇଥିଲା। ପ୍ରକାଶଥାଉ କି, ସମଗ୍ର ରାଜ୍ୟରେ ସର୍ବାଧିକ ୧୦୦୦ ବୟସ୍କ ଓ ବରିଷ୍ଠ ସାମ୍ବାଦିକ ଅଛନ୍ତି। ସେମାନଙ୍କ ସାମାଜିକ ସୁରକ୍ଷା ଓ ୨୪ ଘଣ୍ଟିଆ ସାମାଜିକ ସେବା ପାଇଁ ଏ ପରିଣତ ବୟସରେ ପେନ୍ସନ୍ ନ ଦେବା କେତେଦୂର ଯୁକ୍ତିଯୁକ୍ତ ତାହା ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷ ଶ୍ରୀ ପାଣ୍ଡିଆନ୍ ବିଚାର କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ରାଜ୍ୟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ କଳାକାର ସାମାଜିକ ଭତ୍ତା ପାଇଁ ଯୋଗ୍ୟ ହୋଇପାରୁଥିବା ବେଳେ ମୁଷ୍ଟିମେୟ ସାମ୍ବାଦିକଙ୍କ ପାଇଁ ବ୍ୟବସ୍ଥା କରିବାକୁ ଢେଙ୍କାନାଳ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘ ସଭାପତି ପ୍ରଦ୍ୟୁମ୍ନ ରଥ କହିଛନ୍ତି। ରାଜ୍ୟ ସଂଘ ପକ୍ଷରୁ ଏ ବିଷୟରେ ଅନ୍ୟ ରାଜ୍ୟର ସ୍ଥିତି ସମ୍ବଳିତ ଲିଖିତ ସ୍ମାରକପତ୍ର ରଜ୍ୟ ସରକାରଙ୍କୁ ବହୁ ପୂର୍ବରୁ ପ୍ରଦାନ କରାଯାଇ ସାରିଛି। ପ୍ରକାଶଥାଉ କି, ପଡୋଶୀ ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ଝାଡଖଣ୍ଡ ଆଦି ବହୁ ରାଜ୍ୟରେ ବୟସ୍କ ସାମ୍ବାଦିକଙ୍କୁ ଦଶ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମାସିକ ପେନ୍ସନ୍ ବା ଅବସରକାଳୀନ ଭତ୍ତା ଦିଆଯାଉଛି।

